## ସଂକ୍ଷେପରେ

### ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

ଲୋଇସିଂହା,୬/୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ତଥା କୁଇଜ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ହାଇସ୍କୁଲ ସ୍ତରରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୪୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବୁଧବାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଉକ୍ତ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଇଓ ରୀନାକୁମାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଡିଓ ଅକ୍ଷୟପାଣି ଉଦ୍ଦୁ ମୁଖ୍ୟଅତିଥି, ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ସାହୁ ମୁଖ୍ୟବକ୍ତା,ଏବିଓ ବ୍ୟାସଦେବ ରାଏ, ଟଙ୍କଧର ଭୋଇ, ବ୍ଲକ ବିଜ୍ଞାନ ସଂଯୋଜକ ବିଷ୍ଣୁପ୍ରସାଦ ମିଶ୍ର, ଆବାହକ ହେମନ୍ତ ବାରିକ, ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ ,ଉଦ୍ଧବ ଚରଣ ପଟେଲ ମଞ୍ଚାସୀନ ଥିଲେ। ବିଇଓ ବେହେରା କହିଥିଲେ ଯେ, ୨୦୧୫ ମସିହାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ପିଲାଙ୍କ କ୍ଷେତ୍ରରେ ଆଧ୍ୟାତ୍ମିକ ଜ୍ଞାନ ଅଭିବୃଦ୍ଧି ସାଙ୍ଗକୁ ବିଜ୍ଞାନ, ଗଣିତ ପ୍ରତି ଆଗହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଆୟୋଜନ ହେଉଛି ।

### ଜ୍ଞାନ ବିଜ୍ଞାନ ମେଳା

ବଲାଙ୍ଗୀର,୬/୮ (ବୀରେନ୍ଦ୍ର କୁମାର ଝାଙ୍କର)

ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସ୍ଥାନୀୟ କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଟଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରଣୀସେନ ପଟେଲ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିବ ପ୍ରସାଦ ତ୍ରିପାଠୀ ବିଜ୍ଞାନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ସଭାପତି ତ୍ରିବିକ୍ରମ ଦାସ, ଉପସଭାପତି ଗୋଦାବରୀଶ ମିଶ୍ର ଶିଶୁ ମାନଙ୍କୁ ବିଜ୍ଞାନର ମହତ୍ତ୍ୱ ବିଷୟରେ କହିଥିଲେ। ବିଦ୍ୟାଳୟ ସମ୍ପାଦକ ନୀଳାଞ୍ଚଳ ନିର୍ଗୁଣ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ସରୋଜ ମିଶ୍ର, ରାଜାରାମ ପୁରୋହିତ, ଅଙ୍ଗୀରା ସାହୁ, ଚପଳା ମିଶ୍ର, ମୀନା ସରାଫ, ଜୟରାମ ଭୋଇ ସହଯୋଗ କରିଥିଲେ। ନଳିନୀ ସେଠ, କାତ୍ୟାୟଣୀ ଷଡ଼ଙ୍ଗୀ, ଗିରିଶରାମ ବେହେରା ତଥା ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ସେବକ ସେବିକା, ଅଭିଭାବକ, ଅଭିଭାବିକାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। କିଶୋର ବର୍ଗ ରେ ଶୁଭସ୍ମିତା ତ୍ରିପାଠୀ, ବାଲ ବର୍ଗରେ ସ୍ନେହଶ୍ରୀ ରାଉତ, ଶିଶୁ ବର୍ଗରେ ସୁପ୍ରୀତା ସାଇ, ମୃତ୍ୟୁଞ୍ଜୟ ପାତ୍ର, ସୁଜ୍ଞାନ ହୋତା ପ୍ରଥମ ସ୍ଥାନ ଅଧିକାର କରି ସଙ୍କୁଳ ଜ୍ଞାନ ବିଜ୍ଞାନ ମେଳାକୁ ଉନ୍ନୀତ ହୋଇଥିଲେ। ଚନ୍ଦନଭାଟିରେ ଆସନ୍ତା ୧୧ ତାରିଖରେ ସଙ୍କୁଳସ୍ତରୀୟ ମେଳା ଅନୁଷ୍ଠିତ ହେବ।

### ଛାତ୍ରୀଛାତ୍ରଙ୍କ ପକ୍ଷରୁ ଔଷଧୀୟ ବୃକ୍ଷରୋପଣ



ଲୋଇସିଂହା,୬/୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାଲେର ଗ୍ରାମର ୟୁନିକ କ୍ଲାସେସ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଗୋପବନ୍ଧୁ ବନଛୋର, ଶିକ୍ଷକ ବିପ୍ଳବ ପଧାନ, ଶୁଭ୍ରାଂଶୁ ମଟାରୀ, ଗୋପାଳ ପଟେଲ, ଅମିତ ନାଏକ, ଶ୍ରୀମନ୍ତ ନାଏକ ଯୋଗ ଦେଇଥିଲେ । ବୃକ୍ଷ ହିଁ ଜୀବନ,ବୃକ୍ଷ ବିନା ସୃଷ୍ଟି ଅସମ୍ଭବ ବୋଲି ଅତିଥିମାନେ କହିଥିଲେ। ଅତିଥିମାନେ ଜଳବାୟୁ ପରିବର୍ତ୍ତନକୁ ଆଖି ଆଗରେ ରଖି ବ୍ୟାପକ ବୃକ୍ଷରୋପଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସ୍ଥାନୀୟ ପଞ୍ଚାୟତ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା।

# ଖପ୍ରାଖୋଲ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଶଯ୍ୟା ଅଭାବ

ଲାଠୋର,୬/୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରଖୋଲଠାରେ ରହିଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଶଯ୍ୟା ଅଭାବ ରହିଛି । ଫଳରେ ଅନେକ ସମୟରେ ଶିଶୁ ଓ ମା'ମାନଙ୍କୁ ହଟହଟା ହେବାକୁ ପଡୁଛି । ନିକଟରେ ଖପ୍ରାଖୋଲ ବ୍ଲକ ଲାଠୋର ସେକ୍ଟର ଅଞ୍ଚଳର କେତେଜଣ ମହିଳା ଉକ୍ତ ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ସେମାନଙ୍କ ପିଲାଙ୍କୁ ଚିକିତ୍ସା ପାଇଁ ନେଇ ନାନା ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି । ଅଞ୍ଚଳର ୭ ମାସରୁ ୬ ବର୍ଷର ଶିଶୁ ମାନେ ଯେପରି ଅପପୁଷ୍ଟିର ଶିକାର ନ ହେବେ ଏହାକୁ ଦୃଷ୍ଟିରେ ରଖି ସରକାରୀ ଭାବେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ପୁଷ୍ଟି ପୁନର୍ବାସ କେନ୍ଦ୍ର(ଏନଆରସି) ଖୋଲାଯାଇଛି। ଉକ୍ତ କେନ୍ଦ୍ରରେ ଅଫିସ ରୁମ, କର୍ମଚାରୀ ରୁମ, ରନ୍ଧା ଘର ଏବଂ ଶୌଚାଳୟ ସହ ଏକ ଛୋଟିଆ ହଲ ରହିଛି। ସେହି ହଲରେ ଶିଶୁ ଏବଂ ମା' ମାନେ ରହିବା ପାଇଁ ଶଯ୍ୟା ପଡ଼ିଛି। ଥରକୁ ୧୦ ଜଣ ଶିଶୁ ଏବଂ ତାଙ୍କ ମା'ମାନଙ୍କୁ ୧୫ ଦିନ ପର୍ଯ୍ୟନ୍ତ



ଖପ୍ରାଖୋଲରେ ରହିଥିବା ଏନ୍‌ଆର୍‌ସି ଗୃହ ।

ସେଠାରେ ରଖି ପୁଷ୍ଟିକର ଖାଦ୍ୟ ପେୟ ଦେବା ସହ ଚିକିତ୍ସା କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଦୈନିକ ଜଣେ ଶିଶୁ ଏବଂ ମା'ଙ୍କ ଖାଦ୍ୟପେୟ ବାବଦକୁ ୧୬୫ ଟଙ୍କା ଖର୍ଚ୍ଚ କରିବାର ନିୟମ ରହିଛି । ଚଳିତବର୍ଷ ଜୁଲାଇ ମାସରେ ଲାଠୋର ସେକ୍ଟର ଅଞ୍ଚଳର ଅପପୁଷ୍ଟିରେ ପୀଡ଼ିତ ଥିବା ୩ ଜଣ ଶିଶୁଙ୍କୁ ସେମାନଙ୍କ ମା'ମାନେ ଚିକିତ୍ସା ପାଇଁ ସେଠାକୁ ନେଇଥିଲେ। ହେଲେ କେନ୍ଦ୍ର ଗୃହରେ ଆଗରୁ ଅନ୍ୟ ଶିଶୁମାନେ ରହିଥିବା ହେତୁ ସଂପୃକ୍ତ ଶିଶୁ ଏବଂ ମା'ମାନଙ୍କୁ ଜାଗା ଅଭାବ ହୋଇଥିଲା। ସେମାନଙ୍କୁ କେନ୍ଦ୍ର ନିକଟ ଅନ୍ୟ ଏକ କୋଠରୀରେ ରଖି ସେବା ଯୋଗାଇ ଦିଆ ଯାଉଥିଲା। କାରଣ ଶଯ୍ୟା ସଂଖ୍ୟା କମ ଥିବା ବେଳେ ଅଧିକ

### ଶିଶୁ ଓ ମା' ହଟହଟା

ସଂଖ୍ୟକ ଶିଶୁ ଚିକିତ୍ସା ପାଇଁ କେନ୍ଦ୍ରକୁ ଆସିବା ଫଳରେ ସମସ୍ୟା ସୃଷ୍ଟି ହେଉଛି । ଏକପକ୍ଷରେ କେନ୍ଦ୍ର ଗୃହରେ ସ୍ଥାନ ଅଭାବ ରହିଥିବା ବେଳେ ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁ ଶିଶୁମାନେ ରହୁଥିବା ହଲ ଛାତରୁ ପାଣି ଝରିବାରୁ ପରିସ୍ଥିତି ସଙ୍ଗୀନ ହୋଇପଡିଥିବା ସଂପୃକ୍ତ ମହିଳାମାନେ କହିଛନ୍ତି। ଫଳରେ ଗତ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନେ ହଲ୍‌ରେ ଶିଶୁମାନଙ୍କୁ ସେବା ଯୋଗାଇବାରେ ନାକେଦମ ହୋଇ ପଡ଼ିଥିଲେ। ଏନେଇ କେନ୍ଦ୍ର ପରାମର୍ଶଦାତା ସୀମାରାଣୀ ମେହେରଙ୍କୁ ପଚାରିବାରେ ସରକାର ଟଙ୍କା ଖର୍ଚ୍ଚ କଲା ପରେ ମଧ୍ୟ ସମସ୍ୟାରେ ସୁଧାର ଆସୁନାହିଁ। ଲୋକ ନାନା ଅସୁବିଧା ଭୋଗୁଛନ୍ତି ବୋଲି କହିଥିଲେ। ତେବେ ଲୋକଙ୍କ ସୁବିଧା ଦୃଷ୍ଟିରୁ ବେଡ଼ ସଂଖ୍ୟା ବୃଦ୍ଧି ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

# ଜାମୁଟରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା




ମଞ୍ଚାସୀନ ଅତିଥିବୃନ୍ଦ ।

ଗୁଡ଼ଭେଲା,୬/୮ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଜାମୁଟ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗୁଡଭେଲା ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୁଡଭେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବନଗୋଲା, ବିଶିଷ୍ଟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ସାମର୍ଥ, ବିପିନ ବାଗ, ଜାମୁଟ ସରପଞ୍ଚ ଭାବ ସିଂ ମାଝୀ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ୧୬ଟି ଉଚ୍ଚ ବିଦ୍ୟାଳୟରୁ ୫୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଗୋପୀନାଥ ଏକାଡେମୀ ବଡଙ୍ଗୋମୁଣ୍ଡର ଦଶମ ଶ୍ରେଣୀ ଛାତ୍ରୀ ମନିଷା ପ୍ରଧାନ ପ୍ରଥମ, ସ୍ୱସ୍ତି ବିଦ୍ୟାପୀଠ ଦେମୁହାନର ଦଶମ ଶ୍ରେଣୀ ଛାତ୍ର ତେଜରାଜ କୁମ୍ଭାର ଓ ଛାତ୍ରୀ ରଚନା କୁମ୍ଭାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିଆରସିସି, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ସତ୍ୟବାନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ଖପ୍ରାଖୋଲ,୬/୮ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୪-୨୫ କାର୍ଯ୍ୟକ୍ରମ ଅବସରରେ ବ୍ଲକସ୍ତରୀୟ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସହ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି କୁଇଜ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୧୯ଟି ଉଚ୍ଚ ବିଦ୍ୟାଳୟର ୭୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

### କୁଇଜ୍ ପ୍ରତିଯୋଗିତାରେ ଭାଗ ନେଲେ ଛାତ୍ରୀଛାତ୍ର

ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ସହ ଶିକ୍ଷା ଅଧିକାରୀ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଲୁହସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ସୁଆର, ସାଙ୍ଗଠନିକ ସମ୍ପାଦକ ତଥା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ଭୋଇ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଯୋଗିତାରେ ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାଗତିକା ଭୋଇ ପ୍ରଥମ,ଲୁହାସିଂହା ସର୍ବୋଦୟ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ମେହେର ଦ୍ୱିତୀୟ ଓ ଧଣ୍ଡାମୁଣ୍ଡା ଛାତ୍ର ନୈତିକ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି। କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟବ୍ରତ ବେହେରା, ଶ୍ରୀପତି କୁମ୍ଭାର ପରିଚାଳନା କରିଥିଲେ। ଗୋପୀନାଥ ସାହୁ, ବିଘ୍ନରାଜ ପ୍ରଧାନ, ସୁବାସ ନାଗ, ସନାତନ ବାରିକ, ଟୁନୁ ଶବର, ଗୋକୁଳାନନ୍ଦ ମେହେର ସହଯୋଗ କରିଥିଲେ। ମିତ୍ରଭାନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବେଲପଡ଼ା,୬/୮ (ମନୋଜ କୁମାର ମିଶ୍ର)

ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଡିଆଇଇଟି ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ରେ ଡିଆଇଇଟି ପରିସରରେ ଗତ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଆନନ୍ଦମୟ ଶିକ୍ଷା ଉପରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଜିଲାର ବେଲପଡ଼ା ଓ ପୁଇଁନ୍ତଲା ବ୍ଲକର ୬୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଡିଆଇଇଟି ପ୍ରିନ୍ସିପାଲ ଡ. ଜ୍ୟୋତି କୁମାର ଦାଶ ଓ ଅତିଥି ଭାବେ ରାଜେନ୍ଦ୍ର ମେହେର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,ୱାଇ ସିଡିଏ, ଲୋକନାଥ ସୁନା ଗୋଷ୍ଠୀ ଶିକ୍ଷା ଅଧିକାରୀ, ପୁଇଁତଲା ଓ ଜ୍ୟୋତି କୁମାର ରଥ କାର୍ଯ୍ୟକ୍ରମ ପରିଚାଳକ, ୱାଇସିଡିଏ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକନାଥ ସୁନା ତାଙ୍କ ଅଭିଭାଷଣରେ ସମସ୍ତ ଶିକ୍ଷକଙ୍କୁ ନିଜର ସ୍ୱଭାବକୁ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରିଥିଲେ, ଅତିଥି ମେହେର ଶିକ୍ଷକମାନେ କିପରି ପିଲାଙ୍କର ଆଦର୍ଶ ହେବା ପାଇଁ କହିଥିଲେ। ମୁଖ୍ୟଅତିଥି ଡ. ଦାଶ ଶିକ୍ଷୟିତ୍ରୀ ଶିକ୍ଷକମାନେ କିପରି ଚିନ୍ତାମୁକ୍ତ ରହି ଆନନ୍ଦମୟ ଶିକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏକ ଦାୟିତ୍ୱବାନ ଶିକ୍ଷକ ହୋଇ ପାରିବେ ତାହା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଅଧିବେଶନରେ ଡିଆଇଇଟିର ତାଲିମଦାତା ମାନେ ଅନେକ ଶିକ୍ଷା ପଦ୍ଧତି ଉପରେ ତାଲିମ ଦେଇଥିଲେ। ଅଂଶଗ୍ରହଣକାରୀ ମାନେ ବିଭିନ୍ନ ଉପାୟରେ ଆନନ୍ଦମୟ ଶିକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ. ଜ୍ୟୋତି କୁମାର ଦାଶ, ଏସ.ଜେନା ଆଞ୍ଚଳିକ ପରିଚାଳକ, ୱାଇସିଡିଏ, ଡ. ସୁଧୀର ସାହୁ ଯୋଗ ଦେଇଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଷାଲି ଦେବୀ ଓ ଯୋଗେଶ୍ୱର ପ୍ରଧାନ ପରିଚାଳନା କରିଥିଲେ।

# ଜ୍ଞାନ ବିଜ୍ଞାନ ମେଳାରେ ୧୨୪ ପ୍ରକଳ୍ପ ପ୍ରଦର୍ଶିତ



ଜ୍ଞାନବିଜ୍ଞାନ ମେଳାରେ ବିଚାରକମାନେ ପ୍ରକଳ୍ପ ମୂଲ୍ୟାଙ୍କନ କରୁଛନ୍ତି ।

ବଲାଙ୍ଗୀର,୬/୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା- ୨୦୨୪ ଅନୁଷ୍ଠିତ ହୋଇଯାଇଛି। ମେଳାରେ ମୁଖ୍ୟଅତିଥି ଭାବେ ସନାତନ ଠାକୁର ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ପ୍ରତ୍ୟୁଷ ତ୍ରିପାଠୀ ଓ ଛାତ୍ରୀ ସୁପ୍ରିୟା ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅରୋସ୍ମିତା ଦେବୀ ବେହେରା ଓ ଶୁଭଶ୍ରୀ କଲେତ ସଂଯୋଜନା କରିଥିଲେ। ବିଚାରକ ଭାବେ ବିଷ୍ଣୁ ପ୍ରସାଦ ମିଶ୍ର, ଅମ୍ବରୀଶ ମିଶ୍ର, ସବିତା ମିଶ୍ର, ଶୈଳେନ୍ଦ୍ରୀ ପରିଡ଼ା, ଅଞ୍ଜନ ସାଏ, ଧୀରେନ୍ଦ୍ର ମାହାଣା, ସୁଧାନିଧି ମିଶ୍ର, ଜୟକୃଷ୍ଣ ନାଏକ, ଅନନ୍ୟା ମିଶ୍ର, ସରିତା ମେହେର, ଶିବପ୍ରସାଦ ତ୍ରିପାଠୀ, ରାଜାରାମ ପୁରୋହିତ, ଇଲାମୟୀ ପଟ୍ଟନାୟକ, ସୁନୀଲ ରଣା ଯୋଗଦେଇ ୧୨୪ଟି ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ସରୋଜ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସୋନପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଧାପକ ତରୁଣ କୁମାର ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ପ୍ରକଳ୍ପରେ ଶିଶୁ ବର୍ଗରେ ପାୟଲ ମହାରଣା, ବାଲବର୍ଗରେ ଆର୍ଯ୍ୟନ ନାଏକ, କିଶୋର ବର୍ଗରେ ଆଦ୍ୟାଶା ଦାଶ ପ୍ରଥମ ସ୍ଥାନ ହାସଲ କରିଥିଲେ। ମୂର୍ତ୍ତିକଳା ପ୍ରତିଯୋଗିତାରେ ବାଲ ବର୍ଗରେ ଇତିସ୍ମିତା କୁମାର, କିଶୋର ବର୍ଗରେ କ୍ରିଷ୍ଣା ଠାକୁର ପ୍ରଥମ ସ୍ଥାନ ହାସଲ କରିଥିଲେ। ଗଣିତ ପ୍ରକଳ୍ପରେ ବାଲ ବର୍ଗରେ ଆୟୁଷ ସାହୁ, କିଶୋର ବର୍ଗରେ ପିୟୁଷ ନାଏକ ପ୍ରଥମ ହୋଇଥିଲେ। ଡ଼ ଭବାନୀ ଶଙ୍କର ପଟେଲ, ରବୀନ୍ଦ୍ର କୁମାର ପଣ୍ଡା, ତରଣୀସେନ ପଟେଲ ଉପସ୍ଥିତ ଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ମୀନା ସରାଫ୍ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ସରୋଜ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଓଁକାରେଶ୍ୱର ମହାଦେବ ମନ୍ଦିରରେ ଗଙ୍ଗାଜଳରେ ଜଳଶାୟୀ

ବଲାଙ୍ଗୀର,୬/୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ନିକଟ ସଦାଇପାଲି ଓ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଗତ ଏପ୍ରିଲ ମାସରେ ପ୍ରୟାଗରାଜ, ଚିତ୍ରକୁଟ ଓ ବାରାଣାସୀ ଆଦି ତୀର୍ଥକ୍ଷେତ୍ରକୁ ଯାଇ ତ୍ରିବେଣୀ ସଙ୍ଗମରୁ ପବିତ୍ର ଗଙ୍ଗାଜଳ ଆଣି ଶ୍ରାବଣ ମାସରେ ଜଳଶାୟୀ କରିବା ପାଇଁ ମନସ୍ଥ କରିଥିଲେ। ତଦ୍‌ନୁଯାୟୀ ସୋମବାର ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ଓଁକାରେଶ୍ୱର ମହାଦେବ ମନ୍ଦିରରେ ସେହି ଗଙ୍ଗାଜଳରେ ଜଳସେଇ ଅନୁଷ୍ଠିତ ହୋଇଛି। ପଣ୍ଡିତ ମହାବୀର ବେଦବାକ ପୂଜାର୍ଚ୍ଚନା କରିଥିଲେ। ଡା. ପ୍ରମୋଦ କୁମାର ମିଶ୍ର ଓ ତାଙ୍କ ସହଧର୍ମିଣୀ ମନୋରମା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଲୋଚନା ମିଶ୍ର, ଦେବକୀ ସାଏ, ଉର୍ବଶୀ ନାଏକ, ସୁରଭା ସାଏ, ଧାଇଁ ଭୋଇ, ସ୍ୱର୍ଣ୍ଣପ୍ରଭା ନାଏକ, ପଦ୍ମିନୀ ମିଶ୍ର ସହଯୋଗ କରିଥିଲେ। କେବଳ ଗଙ୍ଗାଜଳରେ ଜଳଶାୟୀ କରାଯାଇଥିବାରୁ ମନ୍ଦିରରେ ଆଖପାଖ ଗ୍ରାମର ଶ୍ରଦ୍ଧାଳଙ୍କ ଭିଡ ଜମିଥିଲା।

# ଶିକ୍ଷାବିତ୍ ରାଧାଶ୍ୟାମ ଗୁରୁଙ୍କ ସ୍ମୃତି ସଭା

ବଲାଙ୍ଗୀର,୬/୮ (ବୀରେନ୍ଦ୍ର କୁମାର ଝାଙ୍କର)

ଶିକ୍ଷାବିତ୍ ତଥା ସମାଜସେବୀ ସ୍ୱର୍ଗତ ରାଧାଶ୍ୟାମ ଗୁରୁଙ୍କ ୩୬ତମ ସ୍ମୃତିସଭା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ରାଧାଶ୍ୟାମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଇତିହାସ ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବୈବସ୍ୱତ ବିଶ୍ୱାଳ, ନୀଳାଚଳ ତ୍ରିପାଠୀ, ମିତଭାନୁ ବିଶ୍ୱାଳ, ଭୁବନେଶ୍ୱର ମହାକୁର, ଚୈତନ୍ୟ ଦଣ୍ଡସେନା, ଅଧ୍ୟାପିକା ନିରୁପମା ସାହୁ, ଛାତ୍ରୀ ପ୍ରତିଜ୍ଞା ତ୍ରିପାଠୀ, ଅର୍ଚ୍ଚିତା ସାହୁ, ଗାୟତ୍ରୀ ତ୍ରିପାଠୀ, ତୃପ୍ତି ଶତପଥୀ, ମୌସୁମୀ ନନ୍ଦ, ଖଜନ୍ତି ଜାଲ, ଧରିତ୍ରୀ ସୁନା, ଜ୍ୟୋର୍ତିମୟୀ ମାଝି, ପ୍ରୀତିମୟୀ ପଣ୍ଡା, ସ୍ନେହା ପଧାନ ସ୍ୱର୍ଗତ ଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ସଭା ପରେ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ଗୁରୁଙ୍କ ସ୍ମୃତି ଉପଲକ୍ଷେ ବୃକ୍ଷରୋପଣ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ରାଧାଶ୍ୟାମ ଗୁରୁ ବିଲେଇସର୍ଡା ଗ୍ରାମରେ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।



ସ୍ମୃତିସଭାରେ ମଞ୍ଚାସୀନ ଅତିଥି ।

# ଆହାର କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଦିଆଯିବା ଅଭିଯୋଗ



ଧୁମାଭଟା ଛକ ନିକଟରେ ଥିବା ଆହାର କେନ୍ଦ୍ର ।



ଡଷ୍ଟବିନ୍‌ରେ ଫୋପଡା ଯାଇଥିବା ଖାଦ୍ୟ ।

ପାଟଣାଗଡ,୬/୮ (ସଚ୍ଚିଦାନନ୍ଦ ମହାକୁର)

ରାଜ୍ୟ ସରକାର ଗରିବ ଲୋକଙ୍କୁ ୫ ଟଙ୍କାରେ ଓଳିଏ ପେଟପୁରା ଖାଇବା ପାଇଁ ଆହାର କେନ୍ଦ୍ରର ବ୍ୟବସ୍ଥା କରିଛନ୍ତି। କିନ୍ତୁ ପାଟଣାଗଡ ଅଞ୍ଚଳର ଏକ ଆହାର କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ସାଙ୍ଗକୁ କମ ପରିମାଣର ଖାଦ୍ୟ ଦିଆଯାଉଥିବାର ଅଭିଯୋଗ ହୋଇଛି । ପ୍ରକାଶ ଯେ, ପାଟଣାଗଡ

### ଦୁଇଟି ଟିକେଟ ନେବାକୁ ବାଧ କରୁଛି ଲିଜ ସଂସ୍ଥା

ବ୍ଲକ ଧୁମାଭଟା ଛକ ନିକଟରେ ଥିବା ଆହାର କେନ୍ଦ୍ରର ଖାଦ୍ୟ ବିତରଣ ଦାୟିତ୍ୱ ବଲାଙ୍ଗୀରର ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀ ଲିଜ୍ ସୂତ୍ରରେ ନେଇଥିବା ବେଳେ ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏହାର ତଦାରଖ ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ଏହି ଆହାର କେନ୍ଦ୍ରରେ ଲୋକେ ଗୋଟିଏ ଟିକେଟ ୫ ଟଙ୍କା ଦେଇ କିଣି ପେଟପୁରା ଖାଦ୍ୟ ଖାଉଥିଲେ। ବର୍ତ୍ତମାନ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜଣ ପିଛା ୨ ଗୋଟି ଟିକେଟ ଦେଇ ୧୦ ଟଙ୍କା ନେଉଥିବା ବେଳେ ଲୋକେ ପେଟପୁରା ଖାଦ୍ୟ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ତାଲିକା ହିସାବରେ ଖାଦ୍ୟ ସାମଗ୍ରୀ ଦିଆଯାଉନାହିଁ। ନିମ୍ନମାନର ଖାଦ୍ୟ ଦିଆଯାଉଥିବାରୁ ଲୋକେ ଭାତ,ଡାଲମା ଖାଇବା ବଦଳରେ ଡଷ୍ଟବିନରେ ଫିଙ୍ଗି ଦେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ତଦାରଖ ଦାୟିତ୍ୱରେ ଥିବା ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କୁ ପଚାରିବାରେ ସେ ଏହାକୁ ଖଣ୍ଡନ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ରାସ୍ତା ନିର୍ମାଣ ପାଇଁ ଆମରଣ ଅନଶନ

ବିନିକା, ୬।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନମ୍ବର ୧୦ ଉର୍ଲେ ଗ୍ରାମର ପ୍ରବେଶ ରାସ୍ତା ଶୋଚନୀୟ ହୋଇଛି। ଉର୍ଲେ ଗ୍ରାମର ବରିଷ୍ଠ ନାଗରିକ ଅରୁଣ କୁମାର ପଣ୍ଡା ଏନଏସି ଏକଜିକ୍ୟୁଟିଭ ଅଫିସର ଓ ଜିଲାପାଳଙ୍କୁ ଲିଖିତ ଅନୁରୋଧ କରିଥିଲେ ହେଁ ପ୍ରଶାସନ ନ ଶୁଣିବାରୁ ମଙ୍ଗଳବାର ତହସିଲ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅପରାହ୍ନ ୧ଟାରେ ଏନଏସି ଏକଜିକ୍ୟୁଟିଭ ଅଫିସର ସତ୍ୟନାରାୟଣ ପଧାନ ରାସ୍ତା ମରାମତି ପାଇଁ ୩ ଲକ୍ଷ ୯ହଜାର ଟଙ୍କା ମଞ୍ଜୁର ଆଦେଶ ହୋଇଥିବା ପଣ୍ଡାଙ୍କୁ ଦେଖାଇଥିଲେ। ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯିବ। ଏଣୁ ଅନଶନ ଭଙ୍ଗ କରିବା ପାଇଁ ସେ ଅନୁରୋଧ କରିବା ପରେ ବରିଷ୍ଠ ନାଗରିକ ପଣ୍ଡା ଅନଶନ ଭଙ୍ଗ କରିଥିଲେ।

### ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

ଡୁଙ୍ଗୁରିପାଲି, ୬।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କର୍ଲାଜୁରୀ ପଞ୍ଚାୟତ ଅନ୍ତର୍ଗତ ମହୁଲପାଲି ଗ୍ରାମରେ ହୋଇଥିବା ରାସ୍ତା କାମ ନିମ୍ନମାନର ହୋଇଛି। ଏ ନେଇ ଡୁଙ୍ଗୁରିପାଲି ଲକ୍ଷେଘର ଗଣ୍ଡା ସମାଜ ସଭାପତି ନିତେଇ ପାଲ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମହୁଲପାଲି ଗ୍ରାମର ଗଣ୍ଡାପଡ଼ାକୁ କେନାଲ ପଟରୁ ଭଲ ରାସ୍ତା ନ ଥିଲା। ବହୁ ଦାବି ପରେ ରାସ୍ତା କଂକ୍ରିଟକରଣ କାମ ହୋଇଥିଲା। କାମ ଚାଲିଥିବାବେଳେ ନିମ୍ନମାନର ହେଉଥିବା ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ଣ୍ଣପାତ କରାଯାଇ ନ ଥିଲା। ଫଳରେ ନିର୍ମାଣର ଏକବର୍ଷ ମଧ୍ୟରେ ରାସ୍ତା ଫାଟି ଯାଇଥିବାରୁ ଯିବା ଆସିବାରେ ଅସୁବିଧା ହେଉଛି। ତେଣୁ କାମ ତଦାରଖ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କଂକ୍ରିଟୀକରଣ ନ ହୋଇ ପଡି ରହିଥିବା ଅବଶିଷ୍ଟ ୫୦ଫୁଟ ରାସ୍ତା କାମ ତୁରନ୍ତ କରାଯାଉ ବୋଲି ପାଲ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ବିଡିଓ ବିପିନ ବିହାରୀ ଦ୍ୱୀପଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଛାତ୍ରୀଛାତ୍ରଙ୍କ ପକ୍ଷରୁ ଔଷଧୀୟ ବୃକ୍ଷରୋପଣ

ଲୋଇସିଂହା, ୬।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାଲେର ଗ୍ରାମର ୟୁନିକ କ୍ଲାସେସ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଗୋପବନ୍ଧୁ ବନଛୋର, ଶିକ୍ଷକ ବିପ୍ଳବ ପଧାନ, ଶୁଭ୍ରାଂଶୁ ମଟାରୀ, ଗୋପାଳ ପଟେଲ, ଅମିତ ନାଏକ, ଶ୍ରୀମନ୍ତ ନାଏକ ଯୋଗ ଦେଇଥିଲେ। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ସୃଷ୍ଟି ଅସମ୍ଭବ ବୋଲି ଅତିଥିମାନେ କହିଥିଲେ। ଅତିଥିମାନେ ଜଳବାୟୁ ପରିବର୍ତ୍ତନକୁ ଆଖି ଆଗରେ ରଖି ବ୍ୟାପକ ବୃକ୍ଷରୋପଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ମେଟାକାନି ମନ୍ଦିର ଗର୍ଭଗୃହରେ ୫ ଫୁଟ ପାଣି

## ହୋଇପାରିଲା ନାହିଁ ନୀତିକାନ୍ତି, ଦର୍ଶନ ନ ପାଇ ଫେରିଲେ ଶ୍ରଦ୍ଧାଳୁ

ଅମରପାଲି/ଉଲୁଣ୍ଡା, ୬।୮ (ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ଗତ ସୋମବାରଠାରୁ ଲାଗିରହିଥିବା ବର୍ଷା ପ୍ରଭାବ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ଉଲୁଣ୍ଡା ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ତେବେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୁତମେଣ୍ଡାସ୍ଥିତ ମା' ମେଟାକାନୀ ମନ୍ଦିର ବର୍ଷା ପାଣି ଘେରରେ ରହିଛି। ମନ୍ଦିର ଚାରିପାର୍ଶ୍ୱରେ ପାଣି ଘେରି ରହିଥିବା ବେଳେ ଗର୍ଭଗୃହରେ ପ୍ରାୟ ପାଞ୍ଚଫୁଟର ପାଣି ରହିଛି। ସୋମବାରଠାରୁ ବର୍ଷା ପରିମାଣ ବଢିଥିଲା। ରାତି ତମାମ ବର୍ଷା ଯୋଗୁ ବର୍ଷା ପାଣି ମାଡି ଆସିଥିଲା। ନିକଟରେ ଥିବା ଏକ ପୋଖରୀରେ ପାଣି ପୂରି ଯିବା ଫଳରେ ଉଛୁଳା ପାଣି ମନ୍ଦିର ଆଡ଼କୁ ମାଡି ଆସିଥିଲା। ପାଣି ରହିଥିବାରୁ ମଙ୍ଗଳବାର ମନ୍ଦିର ଖୋଲା ଯାଇ ପାରି ନ ଥିଲା। ଏପରିକି ମନ୍ଦିରରେ ପୂଜା କାର୍ଯ୍ୟ ଓ ଅନ୍ୟ ସବୁ ନୀତିକାନ୍ତୀ ହୋଇ ପାରି ନ ଥିଲା। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ନ ପାଇ ଫେରି ଯାଇଥିଲେ। ମନ୍ଦିରକୁ ପ୍ରତି ମଙ୍ଗଳବାର ମାନସିକ କରିଥିବା ଶ୍ରଦ୍ଧାଳୁଙ୍କ ସମେତ ଶତାଧିକ ପର୍ଯ୍ୟଟକ ମା'ଙ୍କ ଦର୍ଶନ କରିବାକୁ ଆସିଥାନ୍ତି।


ପାଣି ଘେରରେ ଉଲୁଣ୍ଡା ମେଟାକାନୀ ମନ୍ଦିର।

ତେଣୁ ମଙ୍ଗଳବାର ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ପୂଜା କରି ନ ପାରି ଫେରି ଯାଇ ଥିବା ଦେଖିବାକୁ ମିଳିଛି। ବର୍ଷା ଜଳ ନିଷ୍କାସନର ଆବଶ୍ୟକ ବ୍ୟବସ୍ଥା କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରୁଛନ୍ତି। ଏନେଇ ମନ୍ଦିରର ମୁଖ୍ୟ ପୂଜକ ଗୁପ୍ତେଶ୍ୱର ପରମାଛି କହିଛନ୍ତି, ମଙ୍ଗଳବାର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅଧିକ ହୋଇ ଥାଆନ୍ତି। ହେଲେ ସକାଳୁ ଆସିଲା ବେଳକୁ ମନ୍ଦିର ଚାରିପାଖେ ପାଣି ଘେରି ଥିବା ସହିତ ଗର୍ଭଗୃହ ଭିତରେ ପାଣି ରହିଥିଲା। ଏପରିକି ମା'ଙ୍କ ପ୍ରତିମୂର୍ତ୍ତି ସମ୍ପୂର୍ଣ୍ଣ ବୁଡି ଯାଇଥିଲା। ତେଣୁ ଆମେ ମା' ପୂଜା କରି ପାରିଲୁ ନାହିଁ। କୌଣସି ନୀତିକାନ୍ତି ମଧ୍ୟ ହୋଇ ପାରିଲା ନାହିଁ। ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ନ ପାଇ ନିରାଶ ହୋଇ ଫେରି ଯାଇଥିଲେ ବୋଲି ସେ କହିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ମନ୍ଦିର ଗର୍ଭଗୃହରେ ପ୍ରାୟ ୩ ଫୁଟର ପାଣି ରହିଛି। ମାତ୍ର ସନ୍ଧ୍ୟାବେଳୁ ବର୍ଷର ପରିମାଣ ବଢୁଥିବାରୁ ରାତିରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ନଗରପାଳ ଓ ଅଧକାରୀ।

ତରଭା, ୬।୮ (ମାନଭଞ୍ଜନ ମିଶ୍ର)

ସ୍ୱାଧୀନତା ଦିବସ ପାଳନ ନେଇ ମଙ୍ଗଳବାର ତରଭା ଏନଏସି ସଭାଗୃହରେ ନଗରପାଳ ବନ୍ଦିତା ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଗରପାଳ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ରାମଧୁନ୍ ପାଇଁ କୌଣସି ଏକ କ୍ଲବ କିମ୍ବା ଅନୁଷ୍ଠାନକୁ ଦାୟିତ୍ୱ ଦେବା, ଜେଏନଭିକୁ ଜାତୀୟ ସଙ୍ଗୀତ ଗାନ ପାଇଁ ପ୍ରସ୍ତାବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ତିନିଟି ଗ୍ରୁପରେ କରିବା ନେଇ ପ୍ରସ୍ତାବ ନିଆଯାଇଥିଲା। ବକ୍ତୃତା ପ୍ରତିଯୋଗିତା କୋଶଲି ଭାଷାରେ କରିବା ପାଇଁ ଦେବେନ୍ଦ୍ର ନାଏକ ପ୍ରସ୍ତାବ ଦେଇଥିଲେ। ସ୍ୱାଧୀନତା ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିବା ନେଇ ପୂର୍ବତନ କାଉନସିଲର ପ୍ରଦୀପ ମହାଣା ପ୍ରସ୍ତାବ ଆଗତ କରିଥିଲେ। ଇଓ ଲକ୍ଷ୍ମୀକାନ୍ତ ମଲ୍ଲିକ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଉପ ନଗରପାଳ ଗଗନ ଅଗ୍ରୱାଲ, କାଉନସିଲର ସୁଜାତା ରଥ, ଯମୁନା ସେଠ, ନମିତା ମହାନ୍ତି, ବଲ୍ଲଭି କୁଅଁର, ଆକବର ଅଲ୍ଲୀ, ବିଦ୍ୟାଧର ଦେହୁରୀ, ସନ୍ତୋଷ ମେହେର, ମହେନ୍ଦ୍ର ନାଏକ, ସୁରଜ ସେଠୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହରର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ମେହେର, ଜୟ ପ୍ରକାଶ ନାରାୟଣ ସାହୁ, ମଧୁସୂଦନ ପାଣ୍ଡେ, ସୁରେନ୍ଦ୍ର ଦଳବେହେରା, ରାମ ନାଏକ ଓ ଗଣମାଧ୍ୟମ ପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ଇଓ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇପାସ୍ ରାସ୍ତାରେ ପାଣି, ଯୋଗାଯୋଗ ବିଚ୍ଛିନ୍ନ

ଘଣ୍ଟାପଡା, ୬।୮ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡା-ସିନ୍ଧୁଗୋରା ୪୧ନଂ ରାଜ୍ୟ ରାଜପଥର ଆମ୍ବଗାଁ ନିକଟ ସମଲେଶ୍ୱରୀ ନାଳ ଉପରେ ସୁଉଚ୍ଚ ସେତୁନିର୍ମାଣ ପାଇଁ ପୁରୁଣା ସେତୁଭାଙ୍ଗି ଦିଆଯାଇଛି। ଲୋକଙ୍କ ଯାତାୟତ ନିମନ୍ତେ ଏକ ବାଇପାସ ରାସ୍ତା ନିର୍ମାଣ କରାଯାଇଛି। ଯାହାକି ଅତି ନିମ୍ନମାନର ହୋଇଛି। ବର୍ତ୍ତମାନ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ସକାଳୁ ଉକ୍ତ ବାଇପାସ ରାସ୍ତା ଉପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଘଣ୍ଟାପଡା ଏସଏଚ ୪୧ ରାସ୍ତାରୁ ରେକଡୋଲ ରାସ୍ତାର ସମଲେଶ୍ୱରୀ ନାଳରେ ପାଣି ପ୍ରବାହିତ ହୋଇଥିବାରୁ କୁଲୁଡାଜୋର, ଖୁଣ୍ଟିଗୋରା ଓ ଉମା ପଞ୍ଚାୟତ ପାଣି ଘେରରେ ରହିଛି। ମଙ୍ଗଳବାର କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ ଘଟଣାସ୍ଥଳ ପରିଦର୍ଶନରେ ଆସି ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

### ବୌଦ୍ଧ ଜିଲାରେ ପ୍ରବଳ ବର୍ଷା

#### ବନ୍ୟା ପରିସ୍ଥିତି

ବୌଦ୍ଧ, ୬।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଗତ ସୋମବାର ରାତିରୁ ଲଗାଣ ବର୍ଷା ଜାରି ରହିଛି। ବୌଦ୍ଧ ସହରର ଅଧା ଅଞ୍ଚଳ ବର୍ଷାରେ ଉବୁଟୁବୁ ହୋଇଛି। ୧୨ ଘଣ୍ଟା ମଧ୍ୟରେ ବୌଦ୍ଧରେ ସର୍ବାଧିକ ୧୪୫.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଣ୍ଟାମାଳ ବ୍ଲକରେ ୮୪.୪ ଓ ହରଭଙ୍ଗା ବ୍ଲକରେ ସର୍ବନିମ୍ନ ୩୫.୪ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଦିନ ତମାମ ୫୭ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଦିନ ତମାମ ବର୍ଷା ଲାଗି ରହିଥିବାରୁ ସହର ତଳି ଅଞ୍ଚଳଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୌଦ୍ଧ ଏନଏସିର ୧ ନମ୍ବର ୱାର୍ଡର ଗାଇଗୋଠ ପଡିଆ ଅଞ୍ଚଳରେ ୧୩୦ ଜଣଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ୧, ୫, ୬, ୭, ୯ ଓ ୧୧ ନମ୍ବର ୱାର୍ଡରେ ଜମି ରହିଥିବା ବର୍ଷାଜଳକୁ ମୋଟର ସାହାଯ୍ୟରେ ନିଷ୍କାସନ କରାଯାଇଛି। ପ୍ରଶାସନ ପକ୍ଷରୁ ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ସତର୍କ ରହିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କୌଣସି ଅଧିକାରୀ ମୁଖ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

## ଗୁଣିଆ ଡାକି ଝଡାଫୁଙ୍କା କଲେ ପରିବାର ଲୋକେ

ବୋଦ୍ଧ, ୬।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ପାଟଦୋହଲି ଗ୍ରାମରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହେମାନନ୍ଦ ପ୍ରଧାନ (୩୦)। ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ପାଟଦୋହଲି ଗ୍ରାମର ହେମାନନ୍ଦ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ଚିତି ସାପ ଦଂଶନ କରିଥିଲା। ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ବୁର୍ଲା ବଡ ମେଡ଼ିକାଲକୁ ରେଫର୍ କରିଥିଲେ। କିନ୍ତୁ ପରିବାର ଲୋକେ ବୁର୍ଲା ନେବା ପରିବର୍ତ୍ତେ ଘରକୁ ଫେରାଇ ଆଣିଥିଲେ। ପରେ ଜଣେ ଗୁଣିଆଙ୍କୁ ଡାକି ଝଡାଫୁଙ୍କା କରିଥିଲେ। ମାତ୍ର ହେମାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ହେଲେ ପରିବାର ଲୋକେ ସେ ମୃତ ବୋଲି ସହଜରେ ବିଶ୍ୱାସ ନ କରି ପୂଜା ଜାରି ରଖିଥିଲେ । ପରେ ଗ୍ରାମର କେତେଜଣ ବ୍ୟକ୍ତି ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ଜଣାଯାଇଛି।

# ପ୍ରାଣୀ କଲ୍ୟାଣ ମଞ୍ଚ ପକ୍ଷରୁ ସର୍ପ ଦଂଶନ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

ବୌଦ୍ଧ, ୬।୮ (ଅଜିତ କୁମାର ବାରିକ)

ପ୍ରାଣୀ କଲ୍ୟାଣ ମଞ୍ଚ ବୌଦ୍ଧ ପକ୍ଷରୁ ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ସର୍ପ ଦଂଶନ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଣୀ କଲ୍ୟାଣ ମଞ୍ଚର ଉପଦେଷ୍ଟା ସମୀର କୁମାର ସାହୁ ଯୋଗଦେଇ ସର୍ପ ପ୍ରଜାତି ତଥା ସାପ କାମୁଡାରୁ କିପରି ରକ୍ଷା ପାଇପାରିବେ କହିଥିଲେ। ଏହାଛଡା ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ସାପ କାମୁଡିଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନା ନେଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଉଚିତ୍ ଚିକିତ୍ସାର ବ୍ୟବସ୍ଥା କରିବା ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ସହକାରୀ ଶିକ୍ଷକ ଦେବବ୍ରତ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନୱାଡ଼ି କେନ୍ଦ୍ର ଭିତରେ ପାଣି


ପାଣି ଘେରରେ ଅଙ୍ଗନବାଡି କେନ୍ଦ୍ର।

## ଶିକ୍ଷାଦାନ ବାଧାପ୍ରାପ୍ତ

ବାଉଁଶୁଣୀ, ୬।୮ (ଦେବାଶିଷ ନେପାକ)

ମଙ୍ଗଳବାର ପୂର୍ବାହ୍ନରେ ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ଟିକିରାପଡା ଅଙ୍ଗନବାଡ଼ି କେନ୍ଦ୍ର ଭିତରେ ଆଣ୍ଠୁଏ ପାଣି ରହିଥିବା ଦେଖିବାକୁ ମିଳିଛି। ଫଳରେ ବିଦ୍ୟାଳୟକୁ ଆସିଥିବା କେନ୍ଦ୍ରର ଛାତ୍ରୀଛାତ୍ରମାନେ ଘରକୁ ଫେରି ଯାଇଥିଲେ। ଲଗାଣ ବର୍ଷା ହେଲେ ଅଙ୍ଗନବାଡ଼ି କେନ୍ଦ୍ରରେ ପାଣି ପଶି ଯାଉଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ବାଉଁଶୁଣୀ ସେକ୍ଟର ଅନ୍ତର୍ଗତ ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ପ୍ରତିବର୍ଷ ବର୍ଷା ଦିନେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଜିଲା ପ୍ରଶାସନ, ସିଡିପିଓ କିମ୍ବା ସୁପରଭାଇଜରମାନଙ୍କର ଏହି ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଦୃଷ୍ଟି ପଡୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ମଙ୍ଗଳବାର କେନ୍ଦ୍ର ଭିତରେ ପାଣି ପଶିଯିବା ଫଳରେ କାଗଜପତ୍ର ସହ ଶିଶୁମାନଙ୍କର ଖେଳଣାଗୁଡିକ ଓଦା ହୋଇ ନଷ୍ଟ ହୋଇ ଯାଇଛି। ଏହି ଅଙ୍ଗନବାଡ଼ି କେନ୍ଦ୍ର ଖାଲୁଆ ସ୍ଥାନରେ ରହିଥିବାରୁ ସାମାନ୍ୟ ବର୍ଷା ହେଲେ କେନ୍ଦ୍ର ଭିତରେ ପାଣି ଜମୁଛି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନୂତନ କୋଠା ନିର୍ମାଣ କରିବାକୁ ଟିକିରାପଡା ଗ୍ରାମବାସୀ ଦାବି କରିଛନ୍ତି।

# ବଡ଼ବର୍ଡ଼ାକଟା-ପୁରୁଷୋତ୍ତମପାଲି ରାସ୍ତା ଶୋଚନୀୟ

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ ଦାବି

ଅମରପାଲି, ୬।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡବର୍ଡ଼ାକଟାରୁ ଲୁଡୁରପଙ୍କ ପଞ୍ଚାୟତର ପୁରୁଷୋତ୍ତମପାଲିକୁ ସଂଯୋଗ କରୁଥିବା ପ୍ରାୟ ୧ କିଲୋମିଟର ରାସ୍ତା ଏବେ ଶୋଚନୀୟ ହୋଇ ପଡିଛି। କର୍ଦ୍ଦମାକ୍ତ ହୋଇଥିବାରୁ ସମ୍ପୃକ୍ତ ପଥରେ ଯାତାୟାତରେ ସମସ୍ୟା ହେଉଛି। ଏଣୁ ଏହି ରାସ୍ତାକୁ ପ୍ରଧାମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ଅନୁସାରେ ୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି କଚ୍ଚାରାସ୍ତାରେ ଏବେ ଖାଲଖମା ଥିବା ବେଳେ ସବୁଠି କାଦୁଅ ଜମି ରହିଛି। ଏହି ରାସ୍ତା ଦେଇ ଲୁଡୁରପଙ୍କ, ମେଣ୍ଡିଳିପାଲି, ପୁରୁଷୋତ୍ତମପାଲି, ବଡବର୍ଡ଼ାକଟା, ଖଣ୍ଡହତା, ରିଜୁମୁଣ୍ଡା, ତୁଲସିମୁଣ୍ଡା, କଲନିପଡ଼ା ଆଦି ଗ୍ରାମର ଲୋକେ ଯିବା ଆସିବା କରିଥାନ୍ତି। ଏବେ ଏହି ରାସ୍ତାରେ ଚାରିଚକିଆ ଗାଡ଼ି ଯିବା ତ ଦୂରର କଥା ସାଇକେଲ, ବାଇକ ଓ ଚାଲିଚାଲି ଯିବା ସହଜ ହେଉନି। ଦୀର୍ଘଦିନ ହେଲା ରାସ୍ତା ଏପରି ଥିଲେ ବି ଥିଲେ ଏଥିପ୍ରତି ଦୃଷ୍ଟି ଦିଆଯାଉନି। ଚଳିତବର୍ଷ ଖଣ୍ଡହତା ପଞ୍ଚାୟତ ତରଫରୁ ୧ ଲକ୍ଷ ଟଙ୍କାରେ ମାଟି ମୋରମ କାମ କରାଯାଇଥିଲା। ତାହା ସତ୍ତ୍ୱେ ମଧ୍ୟ ଉକ୍ତ ରାସ୍ତାର ସମସ୍ୟା ସୁଧୁରି ପାରିନାହିଁ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ତିନି ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉଭୟ ବଡ଼ବର୍ଡ଼ାକଟା ଓ ପୁରୁଷୋତ୍ତମପାଲି ଗ୍ରାମବାସୀ ଏହି ରାସ୍ତାକୁ ପ୍ରଧାମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି।


କାଦୁଅପୂର୍ଣ୍ଣ ବଡବର୍ଡ଼ାକଟା-ପୁରୁଷୋତ୍ତମପାଲି ରାସ୍ତା।

# ପାଣି ଘେରରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ

ବୌଦ୍ଧ, ୬।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ସୋମବାର ରାତିରୁ ପ୍ରବଳ ବର୍ଷା ଲାଗି ରହିବା ଫଳରେ ଜିଲାର ବିଭିନ୍ନ ସ୍ଥାନରେ ତଳିଆ ଅଞ୍ଚଳ ବସ୍ତିଗୁଡିକରେ ବର୍ଷା ପାଣି ପ୍ରବେଶ କରିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଳିଆ ଅଞ୍ଚଳଗୁଡିକରେ ପାଣି ପମ୍ପ ସାହାଯ୍ୟରେ ବର୍ଷା ପାଣି ନିଷ୍କାସନ କରାଯାଉଛି। ବର୍ଷା ଯୋଗୁ ଜିଲାର ଅନେକ ନାଳ ତଥା ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରାମଜାଙ୍ଗି ନାଳରେ ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଯାହାଫଳରେ ଜଗନ୍ନାଥ ସଡକରେ ଯୋଗାଯୋଗ ଏକପ୍ରକାର ବିଚ୍ଛିନ୍ନ ହୋଇପଡିଛି। କାଳେଶ୍ୱର, ମାଉଲସିଙ୍ଗା ଦେଇ ବୁଟୁପାଲି ରାସ୍ତାରେ ବୌଦ୍ଧ ସହରକୁ ଲୋକେ ଯିବା ଆସିବା କରୁଛନ୍ତି। ବୌଦ୍ଧ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ରାମଜାଙ୍ଗି ନାଳ କଡରେ ରହିଥିବା ବେଳେ ପାଣି ଘେରରେ ରହିଛି। ଏଠାରେ ଜଳସେଚନ ବିଭାଗ ପକ୍ଷରୁ ବନ୍ୟା ନିୟନ୍ତ୍ରଣ ପାଇଁ ଆଡିବନ୍ଧ ସହିତ ଦୁଇଟି ଗେଟ ନିର୍ମାଣ


ପାଣିଘେରରେ ରହିଛି କେନ୍ଦ୍ରୀୟ ବିଦ୍ୟାଳୟ।

କରାଯାଇଥିଲେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଗେଟ ଦୁଇଟି ଆଗରୁ ଠିକ ଭାବରେ ଖୋଲା ଯାଇ ନ ଥିବାରୁ ରାମଜାଙ୍ଗି ନାଳର ପାଣି ମହାନଦୀକୁ ଯାଇ ନ ପାରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପାଖକୁ ଆସିଯାଇଛି। ଫଳରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଂପୂର୍ଣ୍ଣ ଭାବରେ ପାଣି ଘେରରେ ରହିଛି। ଏହାସହ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଥିବା କର୍ମଜୀବୀ ମହିଳା ନିବାସ, ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର କାର୍ଯ୍ୟାଳୟ, ଜିଲା ଶିଳ୍ପ କେନ୍ଦ୍ର, ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ପାଣି ଘେରରେ ରହିଛି। ପାଣିଘେର ଯୋଗୁ ରେଭେନ୍ୟୁ କଲୋନୀରେ ରହୁଥିବା କର୍ମଚାରୀମାନେ ଏବେ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଯିବା ଆସିବା କରୁଛନ୍ତି। ସେହିପରି ରାମଜାଙ୍ଗି ନାଳ ପାଣିରେ କାଳେଶ୍ୱର ଗ୍ରାମ ଆଡକୁ ପାଣି ପଶିବା ଆରମ୍ଭ କଲାଣି। ଜଗନ୍ନାଥ ସଡକର ହାଟଗାଁ ନିକଟରେ ଥିବା ନାଳରେ ପାଣି ଆସି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି

# ଟ୍ରାକ୍ଟର କେଜୁଏଲ ବାଜି ବୃଦ୍ଧ ମୃତ

ବାଲିଶଙ୍କରା,୬।୮ ( ହୃଦାନନ୍ଦ ବାରିକ)

ତଲସରା ଥାନା ବନଡେଗା ଫାଣ୍ଡି ଅନ୍ତର୍ଗତ ଶାଗବାହାଲ ଗ୍ରାମର ସିଙ୍ଗାପଡାରେ ସୋମବାର ଜଣେ ବୃଦ୍ଧଙ୍କ ମୁଣ୍ଡରେ ଟ୍ରାକ୍ଟର କେଜୁଏଲ ବାଜି ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ କେମାଣ୍ଟ କିସପଟ୍ଟା (୫୫)। ବନଡେଗା ପୋଲିସର ସୂଚନା ଅନୁସାରେ, ସୋମବାର ଅପରାହ୍ନ ୩ଟାରେ କିସପଟ୍ଟା ଟ୍ରାକ୍ଟର ଯୋଗେ ଚାଷ କାର୍ଯ୍ୟ କରୁଥିଲେ। ଟ୍ରାକ୍ଟରଟି ହଠାତ୍ କାଦୁଅରେ ଫସି ଯାଇଥିଲା। କିସପଟ୍ଟା ଟ୍ରାକ୍ଟରକୁ କାଦୁଅରୁ ବାହାର କରିବାକୁ ଉଦ୍ୟମ କରୁଥିବା ବେଳେ ଟ୍ରାକ୍ଟରର କେଜୁଏଲ ତାଙ୍କ ମୁଣ୍ଡରେ ବାଜିଥିଲା। ତୁରନ୍ତ ତାଙ୍କୁ ସୁନ୍ଦରଗଡ ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନଡେଗା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ତଲସରା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଉଚ୍ଛେଦ ପୂର୍ବରୁ ଥଇଥାନ କର

## ଉଠା ଦୋକାନୀଙ୍କ ପାଇଁ ଅଣ୍ଟା ଭିଡିଲେ ବିଧାୟକ ଯୋଗେଶ

ସୁନ୍ଦରଗଡ,୬।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହରର ପୁରୁଣା ଘରୋଇ ବସଷ୍ଟାଣ୍ଡ ଅଞ୍ଚଳରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ହେଉଛି। ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ପ୍ରଥମେ ଥଇଥାନ କରିବା ପାଇଁ ବିଧାୟକ ଯୋଗେଶ କୁମାର ସିଂହ ଏବେ ଅଣ୍ଟା ଭିଡିଛନ୍ତି। ମଙ୍ଗଳବାର ସକାଳେ ବିଧାୟକ ସିଂହ ବସଷ୍ଟାଣ୍ଡରେ ପହଞ୍ଚି ସଦର ଉପ ଜିଲାପାଳ ଦାଶରଥୀ ସରାବୁ, ତହସିଲଦାର କୁଳମଣି ରନବିଡା ଏବଂ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ପ୍ରତିନିଧି ପ୍ରଦୀପ ମେହେରଙ୍କ ଉପସ୍ଥିତିରେ ଉଠାଦୋକାନୀଙ୍କ ସହିତ ଆଲୋଚନା କରିଥିଲେ। ଉଠା ଦୋକାନୀଙ୍କୁ ବିନା ଥଇଥାନରେ ସେଠାରୁ ନ ହଟେଇବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଏହି ପୁରୁଣା ବସଷ୍ଟାଣ୍ଡ ଲୁହୁରାଡ଼ିପାରେ ଥିବା ନୂତନ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ହୋଇଯାଇଛି। ତେଣୁ ଏଠାରେ ଥିବା ୨ଟି ଯାତ୍ରୀ ପ୍ରତୀକ୍ଷାଳୟକୁ ଭାଙ୍ଗି ତା ପଛରେ ଥିବା ସରକାରୀ ଜାଗାକୁ ମିଶାଇ ସେଠାରେ ମ୍ୟୁନିସିପାଲିଟି ଦ୍ୱାରା ଭେଣ୍ଡିଙ୍ଗ ଜୋନ ନିର୍ମାଣ କରି ସେଠାରେ ଦୋକାନୀଙ୍କୁ ଥଇଥାନ କରିବାକୁ କହିଥିଲେ। ଭେଣ୍ଡିଂଙ୍ଗ ଜୋନ ନିର୍ମାଣ ପାଇଁ ଟଙ୍କାର ଅଭାବ ରହିବ ନାହିଁ। ଦରକାର ପଡିଲେ ବିଧାକ ପାଣ୍ଠିରୁ ଅନୁଦାନ ଦିଆଯିବ ବୋଲି ସେ କହିଥିଲେ ।ଯେଉଁ ଦୋକାନୀମାନେ ନୂଆ ବସଷ୍ଟାଣ୍ଡରେ ଦୋକାନ ପାଇଛନ୍ତି ସେମାନଙ୍କୁ ଏଠାରେ ଦୋକାନ ମିଳିବ ନାହିଁ। ଏଥିସହ ସୁନ୍ଦରଗଡରୁ ଚଳାଚଳ କରୁଥିବା ନାଇଟ ବସ ସବୁ ଡିଆରଡିଏ ଛକ ଠାରେ ରହି ଯାତ୍ରୀମାନଙ୍କୁ ନେଉଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ହେବା ସହ ବର୍ଷା ଏବଂ ଥଣ୍ଡା ସମୟରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯାତ୍ରୀମାନଙ୍କ ସୁବିଧା ସହିତ ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇଁ ନାଇଟ ବସ ଗୁଡ଼ିକ ନୂଆ ବସଷ୍ଟାଣ୍ଡରୁ ବାହାରି ଏହି ପୁରୁଣା ବସଷ୍ଟାଣ୍ଡକୁ ଆସି ଏଠାରୁ ଯାତ୍ରୀମାନଙ୍କୁ ନେବାପାଇଁ ସୁନ୍ଦରଗଡ ଆରଟିଓଙ୍କୁ ସେଠାକୁ ଡକାଇ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ବିଜେଡି ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଯୁବନେତା ପଙ୍କଜ ଶ୍ରେଷ୍ଠ ଲାଲ ଶଙ୍କର ପଡିଙ୍କ ସମେତ ସମସ୍ତ ଉଠା ଦୋକାନୀମାନେ ଉପସ୍ଥିତ ଥିଲେ।



ବିଧାୟକ ଅଧିକାରୀ ଓ ଦୋକାନୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ବଣାଇଁ ସହର ଉପକଣ୍ଠରେ ଦନ୍ତା ଆତଙ୍କ



ବଣାଇଁ,୬।୮ (ପ୍ରଦୀପ ତ୍ରିପାଠୀ)

ବଣାଇଁ ବନାଞ୍ଚଳର ୧୦ କିଲୋମିଟର ପରିଧି ମଧ୍ୟରେ ଏକ ଗୋଠାଛଡ଼ା ଦନ୍ତା ୪ ମାସ ଧରି ଆତଙ୍କ ଖେଳାଉଛି। କେତେବେଳେ ଘର ଭାଙ୍ଗୁଛି ତ କେତେବେଳେ ଫସଲ ମାଡିଦଳି ନଷ୍ଟ କରୁଛି। ସୋମବାର ରାତିରେ ବଣାଇଁ ସହରର ପ୍ରସିଦ୍ଧ ଶୈବ ପୀଠ ପରିସରରେ ଘୁରି ବୁଲିବା ସହ ସହର ଉପକଣ୍ଠ ଦେଓଗାଁ ଅଞ୍ଚଳରେ ବୁଲି ଆତଙ୍କ ସୃଷ୍ଟି କରିଛି । କିଛି କ୍ଷୟକ୍ଷତି ଘଟାଇ ନ ଥିବା ଜଣାପଡିଛି। ମଙ୍ଗଳବାର ହାତୀ ବଣାଇଁ ସଂଲଗ୍ନ ପତ୍ରାପାଲି ଜଙ୍ଗଲରେ ରହିଛି।

# ବଜ୍ରପାତରେ ଜଣେ ମୃତ: ୩ ଗୁରୁତର

ବଣାଇଁ, ୬।୮ (ପ୍ରଦୀପ ତ୍ରିପାଠୀ)

ଲହୁଣୀପଡା ଥାନା ଅନ୍ତର୍ଗତ ଠାକୁରପାଲି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ମୀନା ମଞ୍ଜରି କିଷାନ(୨୪)। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୀନାଙ୍କ ଭଉଣୀ ଯଶୋମତି ଓ ଅନ୍ୟ ୨ ମା' ଝିଅ କୌଶଲ୍ୟା ବଛଛତ୍ରୀ ଓ ବର୍ଷା। ସୂଚନା ଅନୁଯାୟୀ, ଠାକୁରପାଲି ଗ୍ରାମର ମୀନା ଓ ତାଙ୍କ ଭଉଣୀ ଯଶୋମତିଙ୍କ ସହ ଅନ୍ୟ ୨ ମା' ଝିଅ ଜମିରେ କାମ କରି ଘରକୁ ଫେରୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଘଟଣା ସ୍ଥଳରେ ହିଁ ମୀନାଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମୀନାଙ୍କୁ ଡାକ୍ତର ମୃତ ଘୋଷିତ କରିଥିଲେ। ଗୁରୁତରଙ୍କ ଚିକିତ୍ସା ଜାରି ରହିଛି। ମୃତଦେହକୁ ମର୍ଗ ହାଉସରେ ରଖାଯାଇଛି।

# ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ କରିବ ପ୍ରତିବିଧାନ ପୀଠ

ସୁନ୍ଦରଗଡ,୬।୮ (ଜୟ ନାରାୟଣ ମେଣ୍ଡୁଲି)

ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ) ବିଦ୍ୟୁତ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ପାଇଁ ରାଉରକେଲା ସହର ଏବଂ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଅଗଷ୍ଟ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (ଜିଆରଏଫ କ୍ୟାମ୍ପ)ର ଆୟୋଜନ କରାଯାଉଛି। ତେଣୁ ସୁନ୍ଦରଗଡ଼ ଜିଲା ତଥା ରାଉରକେଲା ସହରର ବିଦ୍ୟୁତ ଉପଭୋକ୍ତାମାନେ ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ନିଜର ବାକିଥିବା ବିଦ୍ୟୁତ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ଏହି ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇଛି। ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି, ସୁନ୍ଦରଗଡ଼ ଜିଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ବିଭିନ୍ନ ସବ୍ ଡିଭିଜନ ଅଫିସ, ସେକ୍ସନ ଅଫିସ ଏବଂ ଜିଆରଏଫ ଅଫିସ ଗୁଡିକରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ। ଅଗଷ୍ଟ ୬ ରେ ରାଉରକେଲା ସହର ସ୍ଥିତ ଛେଣ୍ଡ ସେକ୍ସନ ଅଫିସଠାରେ, ଅଗଷ୍ଟ ୭ ତାରିଖ ଦିନ ରାଜଗାଙ୍ଗପୁର-୧ ସବ୍ ଡିଭିଜନ ଅଫିସ ଠାରେ, ଅଗଷ୍ଟ ୮ ତାରିଖ ଦିନ ମଧୁସୁଦନପାଲି ସେକ୍ସନ ଅଫିସ ଠାରେ, ଅଗଷ୍ଟ ୯ ତାରିଖ ଦିନ କରମୁଣ୍ଡା ସବ୍ ଡିଭିଜନ ଅଫିସଠାରେ, ଅଗଷ୍ଟ ୧୨ ସିଭିଲ ଟାଉନ ସ୍ଥିତ ଜିଆରଏଫ ଅଫିସଠାରେ, ଅଗଷ୍ଟ ୧୩ ପାୱାର ହାଉସ ସେକ୍ସନ ଅଫିସ, ଅଗଷ୍ଟ ୧୪ ତାରିଖ ସୁନ୍ଦରଗଡ଼ ଟାଉନ ସ୍ଥିତ ସବ-ଡିଭିଜନ ଅଫିସ, ଅଗଷ୍ଟ ୧୬ ମହୁଲଡିଆ ସେକ୍ସନ ଅଫିସ, ଅଗଷ୍ଟ ୧୭ ପାନପୋଷ ସେକ୍ସନ ଅଫିସ, ଅଗଷ୍ଟ ୨୦ କେଏଲନଗର ସବଡିଭିଜନ ଅଫିସ, ଅଗଷ୍ଟ ୨୧ ବିଶ୍ରା ସେକ୍ସନ ଅଫିସ, ଅଗଷ୍ଟ ୨୨ ରାଜଗାଙ୍ଗପୁର ସ୍ଥିତ ସବ-ଡିଭିଜନ ଅଫିସ-୨, ଅଗଷ୍ଟ ୨୩ ବଣାଇ ସବଡିଭିଜନ ଅଫିସ, ଅଗଷ୍ଟ ୨୭ ମେନ ରୋଡ଼ ସେକ୍ସନ ଅଫିସ, ଅଗଷ୍ଟ ୨୮ ଉଜ୍ୱଲପୁର ସବ ଡିଭିଜନ ଅଫିସ, ଅଗଷ୍ଟ ୨୯ ସିଭିଲ ଟାଉନଶିପ ସ୍ଥିତ ଜିଆରଏଫ ଅଫିସ ଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନର ପୀଠ ଆୟୋଜନ କରାଯାଉଛି।



ପ୍ରବେଶ ଉତ୍ସବରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର।

# ସରକାରୀ ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

ସୁନ୍ଦରଗଡ,୬।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ଉତ୍ସବରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟର ଗୌରବମୟ ଐତିହ୍ୟ, ଲକ୍ଷ୍ୟ ଓ ଶୈକ୍ଷିକ ଦିଗ ଉପରେ ଆଲୋଚନା କରି ଛାତ୍ରୀଛାତ୍ରମାନେ ଶିକ୍ଷା ଆହରଣ ସହ ଦେଶର ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ, ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ବେହେରା, ସଂସ୍କୃତ ବିଭାଗର ମୁଖ୍ୟ ଡ. ବିନୋଦ ବିହାରୀ ମଲ୍ଲିକ, ସହକାରୀ ପ୍ରଫେସର ନୂତନ ଖମାରୀ, ଆଞ୍ଜେଲିନ କିଣ୍ଡୋ,ପ୍ରଦୀପ କୁମାର ସାମନ୍ତରାୟ, ଅଧ୍ୟାପକ ପ୍ରଭାକର ସେଠୀ, ପ୍ରଶାନ୍ତ କୁମାର କୁଲୁ, ସରୋଜ ପୂଜାରୀ, ଶିବ ପ୍ରସାଦ ମହାନ୍ତି, ରାଜକିଶୋର ଟେଟେ, ଜନ ହାଓ, ସୁଶାନ୍ତ ଖାଲକୋ, ଅଧ୍ୟାପିକା ପ୍ରଜ୍ଞା ପରିମିତା ଦାସ, ନୀଳିମା କୁଲୁ, ସୁରମା ଖାଲକୋ, ସୁଶାନ୍ତା ଲାକ୍ରା ପ୍ରମୁଖ ନବାଗତ ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ, ପରୀକ୍ଷା, ପ୍ରଶାସନିକ ଶୃଙ୍ଖଳା, ଛାତ୍ରବୃତ୍ତି, ଛାତ୍ରାବାସ ସୁବିଧା, କ୍ରୀଡ଼ା, ଏନ୍‌ସିସି ଓ ଯୁବ ରେଡକ୍ରସ ଆଦି ସମ୍ବନ୍ଧରେ ସୂଚନା ଦେଇଥିଲେ। ପରିଶେଷରେ ନବାଗତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଭାବ ବିନିମୟ ହୋଇଥିଲା।

# ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ସୁନ୍ଦରଗଡ,୬।୮ (ଜୟ ନାରାୟଣ ମେଣ୍ଡୁଲି)

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣ ଓ ଉନ୍ନତି ମୂଳକ ଯୋଜନାକୁ ଆଧାର କରି କିରେଇ ପଞ୍ଚାୟତଠାରେ ମଙ୍ଗଳବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ତଥା ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଡ.ରୀନତି ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲା ବେଳେ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା,ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁବାସି ମୁଣ୍ଡୁ, ଜିଲା ଆଇନ ସହାୟତା ପ୍ରତିରକ୍ଷା ଆଇନଜୀବୀ ଅନିସା ପୃଷ୍ଟି, ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ଅଧିକାରୀ ସ୍ନିଗଧା ମହାପାତ୍ର, ସାମାଜିକ କର୍ମୀ ସ୍ନେହଲତା ପଟେଲ, ପାରା ଲିଗାଲ ସ୍ୱେଚ୍ଛାସେବୀ, କିରେଇ ପଞ୍ଚାୟତ ସରପଞ୍ଚ ଝରଣା ଜଗୁଆର, ସମିତି ସଭ୍ୟ ଶେଷଧର ଧୁରୁଆ ପ୍ରମୁଖ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ବିଷୟରେ ଅବଗତ ଓ ସଚେତନ କରାଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ସମସ୍ତେ ନିଜ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଓ ଅଧିକାର ବିଷୟରେ ସଚେତନ ହେଲେ ପ୍ରତିଟି ଯୋଜନାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ଏବଂ ସମାଜର ସବୁଠୁ ପଛରେ ପଡିଯାଇଥିବା ମଣିଷ ମଧ୍ୟ ଯୋଜନାର ଲାଭ ପାଇ ପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇ ଲାଭ ଉଠାଇଥିଲେ। ପାରି ଲିଗାଲ ସ୍ୱେଚ୍ଛାସେବୀ ସୁଦର୍ଶନ ତାଜନ ଧନ୍ୟବାଦ ଦେଇଥିଲେ।

# ଗାଡ଼ି ଧକ୍କାରେ ଜଣେ ମୃତ

କୁଆଁରମୁଣ୍ଡା,୬।୮ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ୧୪୩ ନଂ. ଜାତୀୟ ରାଜପଥର ଗୋବିରା ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲୋଡୋସେରା ଗ୍ରାମର ଅଭିଜିତ ଲାକ୍ରା(୨୨)। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ବସନ୍ତ ଡୁଙ୍ଗଡୁଙ୍ଗ(୧୮)। ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୯ଟାରେ ବସନ୍ତ ଅଭିଜିତଙ୍କୁ ବାଇକରେ ବସାଇ ବୀରମିତ୍ରପୁରରୁ ଲୋଡସେରା ସ୍ଥିତ ନିଜ ଘରକୁ ଫେରୁଥିଲେ। ଗୋବିରା ନିକଟରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଉଭୟେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ କୁଆଁରମୁଣ୍ଡା ପୋଲିସ ଓ ରାଜପଥ ପାଟ୍ରୋଲିଂ ଆମ୍ବୁଲାନ୍ସ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଆଁରମୁଣ୍ଡା ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ



ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ପ୍ରାକ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ ।

କୁଆଁରମୁଣ୍ଡା,୬।୮ (ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟ ଜାରି ରହିବ। ଏଥିରେ କିଭଳି ସମସ୍ତ ଅଙ୍ଗନୱାଡି, ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇ ଔଷଧ ସେବନ କରିବେ ସେ ନେଇ ଏକ ବୈଠକ ମଙ୍ଗଳବାର କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ,ବନ ବିଭାଗ ପକ୍ଷରୁ ରେଞ୍ଜର ପଞ୍ଚନାରାୟଣ ସରାଫ, ସଂସ୍କାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅମୂଲ୍ୟ କୁମାର ଜେନାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୧୦ରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଉଦଘାଟନ କୁମଝରିଆ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ କୁଆରୁମୁଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ୭ବାଳିକା ଜୁନିଅର ନ୍ୟାଶନାଲ ଗେମ ପାଇଁ ମନୋନୀତ

ବାଲିଶଙ୍କରା,୬।୮ (ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ କ୍ରୀଡା ଛାତ୍ରାବାସରୁ ୭ଜଣ ବାଳିକା ଜୁନିଅର ନ୍ୟାଶନାଲ ଫୁଟବଲ ଗେମ ପାଇଁ ଓଡ଼ିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଗୋଲକିପର ଇସ୍ତାରାନି ବାସ୍କେ, ଡିଫେଣ୍ଡର ଆକାଶୀ ନାଏକ ଓ ଜସମନି ମୁର୍ମୁ, ମିଡଫିଲଡର ରଶ୍ମିତା ନାଏକ, ସେଣ୍ଟର ଫରୱାର୍ଡ ଭାରତୀ କିସକୁ, ଫରୱାର୍ଡ ରୂପଶ୍ରୀ ମୁଣ୍ଡା, ଆଞ୍ଚଳ ନାଏକ। ଅଗଷ୍ଟ ୧୨ରୁ ଆନ୍ଧ୍ରପ୍ରଦେଶ ରାଜ୍ୟର ଅନନ୍ତପୁର ଆରଟି ଷ୍ଟାଡିୟମରେ ୧୬ ତାରିଖ ପର୍ଯ୍ୟନ୍ତ ଗେମ ହେବାର କାର୍ଯ୍ୟକ୍ରମ ରହିଛି। ସୁନ୍ଦରଗଡ଼ କ୍ରୀଡା ଛାତ୍ରାବାସର ଫୁଟବଲ ପ୍ରଶିକ୍ଷକ ହୃଦୟ ରଞ୍ଜନ ସିଂ ( ଟୁନା)ଙ୍କ ପ୍ରଶିକ୍ଷଣରେ ଅନେକ ବାଳିକାବାଳକ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖେଳି ସୁନାମ ଅର୍ଜନ କରିପାରୁଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ରାଉରକେଲା/ବନ୍ଧମୁଣ୍ଡା,୬।୮ (ସଙ୍ଗୀତା ଜେନା/ସୁବ୍ରତ ଦେ):

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡୁମେର୍ତ୍ତା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍କୁଲଟୋଲି ଅଞ୍ଚଳର ଯୀଶୁ ଦାସ। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ।

# ଆଲୁମିନିୟମ କଣ୍ଡକ୍ଟର ଚୋରି, ଜଣେ ଗିରଫ

ରାଉରକେଲା,୬।୮ (ସଙ୍ଗୀତା ଜେନା):

ବନ୍ଧମୁଣ୍ଡା ରୋଡ୍ ପାର୍ଶ୍ୱରେ ଥିବା ଏକ ଆଲୁମିନିୟମ୍ କଣ୍ଡକ୍ଟର ଚୋରି ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛ। ଅଭିଯୁକ୍ତ ହେଲେ ଉତ୍ତମ ବସ୍ତିର ରୋଷନ ଖାର୍ସେଲ(୨୮)। ତାଙ୍କଠାରୁ ଚୋରି ହୋଇଥିବା ୭୦ କେଜି ଆଲୁମିନିୟମ୍ କଣ୍ଡକ୍ଟର ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୦/୨୪) ରୁଜୁ କରିଛି।

# ଓପି ଜିନ୍ଦଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଟେନ୍‌ସା ଜିନ୍ଦଲ ବିଜୟୀ

ଟେନ୍‌ସା, ୬।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସାସ୍ଥିତ ଜିନ୍ଦଲ ଖଣିର ମାଲିକ ସ୍ୱର୍ଗତ ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୪ତମ ଜନ୍ମ ବାର୍ଷିକ ଉତ୍ସବରେ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ତନ୍ତରା ଗ୍ରାମସ୍ଥିତ ଜିନ୍ଦଲ ଷ୍ଟାଡିୟମରେଠାରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୋଇଡ଼ା ବିଡିଓ ରଶ୍ମିରେଖା ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଟେନ୍‌ସା ସରପଞ୍ଚ ଅନୀତା ପୂର୍ତ୍ତି, ଟେନ୍‌ସା ଜିନ୍ଦଲ ଖଣିର ୟୁନିଟ ହେଡ୍ କମଳା କାନ୍ତ ନନ୍ଦ, ଏଭିପିଆର୍‌ଏସ୍ ରଘୁ ସିଂ , ଲୋଜେଷ୍ଟିକ ମ୍ୟାନେଜର ଏସ.ପି ବିଶ୍ୱାଳ, ଯୁବନେତା ଦୁର୍ଯ୍ୟୋଧନ ନାଏକ, ବଣାଇ ମଜଦୁର ସଂଘର ସାଧାରଣ ସମ୍ପାଦକ କୈଳାସ ପଣ୍ଡା, ସୁଦର୍ଶନ ପାତ୍ର, ଜିନ୍ଦଲ ପ୍ରଶାସନ ବିଭାଗର ଡିଜିଏମ୍ ବିଜୟାନନ୍ଦ ସ୍ୱାଇଁ, ଯଶୋବନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଟେନ୍‌ସା ଟିଆରବି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ପାରିପାର୍ଶ୍ୱିକ ଅଞ୍ଚଳର ୧୮ ଟିମ ଭାଗ ନେଇଥିଲେ। ୧୬ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହି ଫୁଟବଲ ଟୁନାମେଣ୍ଟ ଖେଳ ହୋଇ ଆସୁଛି। ଉଦ୍‌ଘାଟନୀ ମ୍ୟାଚ ଟେନ୍‌ସା ଜିନ୍ଦଲ ଓ ଆରଜି ସ୍ପୋର୍ଟିଂ ଟେନ୍‌ସା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨-୦ ଗୋଲରେ ଟେନ୍‌ସା ଜିନ୍ଦଲ ବିଜୟୀ ହୋଇଥିଲା। ଏହି ଖେଳ ୨ ଦିନ ଧରି ଅନୁଷ୍ଠିତ ହେବ। ରାଜେଶ ମିଶ୍ର ସମସ୍ତ ପରିଚାଳନା ଦାୟିତ୍ୱରେ ଥିବାବେଳେ ପି. କେ. ନାୟକ, ପ୍ରଶାସନ ବିଭାଗର ଅନୁପ କୁମାର, ରଶ୍ମିରଞ୍ଜନ କୁମାର ନାୟକ, ପେରିଫେରିଅଲ ବିଭାଗ ରାଜେଶ କୁମାର ଲେଙ୍କା, ଖଣି ପରିଚାଳକ କେଶବାନନ୍ଦ ଘଡାଇ ପ୍ରମୁଖ ପରିଚାଳନା କରିଥିଲେ ।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ସୁଯୋଗର ଶ୍ରେଷ୍ଠତମ ଉପଯୋଗ କରିବାକୁ ଆହ୍ୱାନ

## ପଦୋନ୍ନତି ପତ୍ର ପ୍ରଦାନ ସମାରୋହ

ରାଉରକେଲା,୬।୮ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ମନ୍ଥନ ସମ୍ମିଳନୀ କକ୍ଷରେ ପଦୋନ୍ନତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ପଦୋନ୍ନତି ପାଇଥିବା ଆରଏସପିର ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପଦୋନ୍ନତି ପତ୍ର ପ୍ରଦାନ କରାଯାଇଥିଲା। ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁଯୋଗର ଶ୍ରେଷ୍ଠତମ ଉପଯୋଗ ପୂର୍ବକ ସଙ୍ଗଠନକୁ ଶିଖରରେ ପହଞ୍ଚାଇବା ପାଇଁ ଉତ୍କର୍ଷତା ହାସଲରେ ବ୍ରତୀ ହେବା ପାଇଁ ପଦୋନ୍ନତି ଲଭିଥିବା ମୁଖ୍ୟ ମହାପ୍ରବନ୍ଧକଙ୍କୁ ଆହ୍ୱାନ ଦେଇଥିଲେ। ତେବେ ପଦୋନ୍ନତି ପାଇଥିବା ବିଭାଗ ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଭିଜିଲାନ୍ସ ବିଭାଗର ସିଜିଏମ ସୁବ୍ରତ ପ୍ରହରାଜ, ଆଇଏଣ୍ଡଏ ବିଭାଗର ସିଜିଏମ ଏସ୍. ସି ପାତ୍ର, ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗ ସିଜିଏମ୍ ବିଜୟ କୁମାର ଜୋଜୋ, ୟୁଟିଲିଟି ଏବଂ ପରିବେଶ ବିଭାଗର ସିଜିଏମ୍ ହିରାଲାଲ ମହାପାତ୍ର, ଟ୍ରାଫିକ ବିଭାଗ ସିଜିଏମ କୌଶିକ ସୁନ୍ୟାନି, ଅଗ୍ନିଶମ ଏବଂ ସୁରକ୍ଷା ବିଭାଗର ସିଜିଏମ ଆଶା ଏସ. କାର୍ଥା, ଏମ. ଏମ ପର୍ଚ୍ଚେଜ ବିଭାଗର ସିଜିଏମ ରାଜୀବ ସେହଗଲ, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ ସୁମତି କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମଓ ଡକ୍ଟର ଆର. ଆର. ମହାନ୍ତି ରହିଥିଲେ। ଏଥିସହ ସମାରୋହରେ ଦେବଦତ୍ତ ଶତପଥି ଭିଲାଇ ଇସ୍ପାତ କାରଖାନାର ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ଓ ଧୀରେନ ମିଶ୍ର ବୋକାରୋ ଇସ୍ପାତ କାରଖାନା ଅଧୀନ ଝାଡଖଣ୍ଡ ଗ୍ରୁପ୍ ଅଫ ମାଇନ୍ସର ଏଚ୍‌ଆର ବିଭାଗ ସିଜିଏମ ଭାବେ ଅବସ୍ଥାପିତ ହୋଇଥିଲେ। ଏ ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ, ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରିଆ, ସାମଗ୍ରୀ ପ୍ରବନ୍ଧନ ବିଭାଗର ସିଜିଏମ ତଥା ଉକ୍ତ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ଦାୟିତ୍ୱଭାର ନିର୍ବାହ କରୁଥିବା ଅନିଲ କୁମାର, ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଭାଗର ସିଏମ୍‌ଓ ଇନଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପଦୋନ୍ନତି ଲାଭ କରିଥିବା ସିଜିଏମମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପିଏଲ ଓଡି ବିଭାଗର ଜିଏମ ଏସ୍. ବଡପଣ୍ଡା ଓ ଡେପୁଟି ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସମାରୋହରେ ଅତନୁ ଭୌମିକଙ୍କଠାରୁ ଡକ୍ଟର ଆର. ଆର. ମହାନ୍ତି ସସ୍ତ୍ରିକ ପଦୋନ୍ନତି ପତ୍ର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଏଡ୍ସ ସଚେତନତା ମାରାଥନ ରେଡ୍ ରନ୍

ସମ୍ବଲପୁର,୬।୮(ପ୍ରମୋଦ ବହିଦାର)

ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ସହଯୋଗରେ ସେମାବାର ଏଡ୍ସ ସଚେତନତା ମାରାଥନ 'ରେଡ୍ ରନ' ଆୟୋଜିତ ହୋଇଯାଇଛି। ଇଣ୍ଟିଗ୍ରେଟେଡ୍ ଆଣ୍ଡ କାଉନସେଲିଂ ଟେଷ୍ଟିଂ ସେଣ୍ଟର ଓ ଜିଲା ମୁଖ୍ୟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏଡ୍ସ, ଏଚ୍ଆଇଭି, ଯୌନ ରୋଗ ସମ୍ପର୍କରେ ସଚେତନତା ଜାଗ୍ରତ ଲକ୍ଷ୍ୟରେ ଆୟୋଜିତ ମାରାଥନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ରେଡ୍ ରିବନକ୍ଲବର ଛାତ୍ରୀଛାତ୍ରଙ୍କ ସହିତ ବହୁ ସଂଖ୍ୟାରେ କିନ୍ନର ସାମିଲ ହୋଇଥିଲେ। ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସକାଳ ସାଢ଼େ ୭ଟାରେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମାରୋଗ ବିଶେଷଜ୍ଞ ଡା. ସଞ୍ଜିବ କୁମାର ତରିଆ ସବୁଜ ପତାକା ଦେଖାଇ ମାରାଥନକୁ ଉଦ୍‌ଘାଟନ କରିଥିଲେ। ମାରାଥନ ସମଲେଶ୍ୱରୀ ମନ୍ଦିରରୁ ବାହାରି କମିଶନର୍ସ କଲୋନୀ ପଡ଼ିଆରେ ଶେଷ ହୋଇଥିଲା। ଏଠାରେ ଆୟୋଜିତ ମାରଥାନର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ଜିଲା ମୁଖ୍ୟ ଚକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ମାରାଥନର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ମାରାଥନ ଆୟୋଜନରେ ସମ୍ବଲପୁରର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଏନ୍‌ଜିଓ ସହଯୋଗ କରିଥିଲେ।

### ଦେବଗଡ଼ ବଜାରରୁ ମାନସିକ ବିକୃତ ମହିଳା ଉଦ୍ଧାର

ଦେବଗଡ଼,୬।୮(ଶଶାଙ୍କ ଶେଖର ଝାଙ୍କର)

ଜଣେ ଅଜଣା ମାନସିକ ବିକୃତ ମହିଳା ଦେବଗଡ଼ ବଜାର ଓ ବସଷ୍ଟାଣ୍ଡରେ ଦୁଇଦିନ ଧରି ଦୋକାନୀମାନଙ୍କୁ ଏବଂ ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ହଇରାଣ କରୁଥିବା ତଥ୍ୟ ଉପ ଜିଲାପାଳ ପରକ୍ଷିତ ସାହୁଙ୍କ ଦୃଷ୍ଟିଗୋଚର ଆସିଥିଲା। ଉପ ଜିଲାପାଳ ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ ସୁରକ୍ଷା ବିଭାଗ, ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ମାଧ୍ୟମରେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ ସମ୍ବଲପୁର ଜିଲାର 'ସମର୍ଥ' ନାମକ ମାନସିକ ବିକୃତି ଅନୁଷ୍ଠାନକୁ ପଠାଯାଇଛି।

### ବିଶିଷ୍ଟ କଳାକାର ଅଶୋକ ଜୟପୁରିଆଙ୍କ ବିୟୋଗ

ବ୍ରଜରାଜନଗର,୬।୮(ବିଜୟ ବରାଡ଼)

ଝାରସୁଗୁଡା ଜିଲା ବନ୍ଧବହାଲ ଅଞ୍ଚଳରେ କାର୍ଯ୍ୟରତ ଭାରତ ସରକାରଙ୍କ ବୃହତ ରାଷ୍ଟ୍ରାୟତ ଉଦ୍ୟୋଗ ମହାନଦୀ କୋଇଲା କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିବା ଠିକା କମ୍ପାନୀ ସିଡବ୍ଲ୍ୟୁଏସଇ କମ୍ପାନୀର ପ୍ରବନ୍ଧକ ଅଶୋକ ଜୟପୁରିଆଙ୍କ ସୋମବାର ରାତ୍ରିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସୋମବାର ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ଅସୁସ୍ଥତା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ବ୍ରଜରାଜନଗରସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଶେଷ ଦର୍ଶନରେ ଅଞ୍ଚଳର ବହୁ କଳାକାର, ଏମ୍‌ସିଏଲ ପଦାଧିକାରୀ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ।

# ୭୧ ଅଭିଯୋଗର ଶୁଣାଣିକଲେ ଜିଲାପାଳ

ଝାରସୁଗୁଡ଼ା,୬।୮(ସଞ୍ଜୟ ମାଲି)


ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଇଏଏସ ପ୍ରବେଶନର ସର୍ବାନନ ସି., ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡାକ୍ତର ନିମାଇଁ ଚରଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲମ୍ବୋଦର ବୁଡ଼ା, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୭୧ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୩ଟି ସାମୂହିକ ଓ ୫୮ଟି ବ୍ୟକ୍ତିଗତ। ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ କାର୍ଯ୍ୟାଳୟରେ ଭାରତ ସିକ୍ୟୁରିଟି ସର୍ଭିସ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିୟମିତ ବେତନ ପ୍ରଦାନ, ବଘରାଚକା ଅଞ୍ଚଳରେ

**ଜିଲା ମୁଖ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର**

କଲ୍ୟାଣ ମଣ୍ଡପ ନିମନ୍ତେ ଉଦ୍ଦିଷ୍ଟ ଜାଗାକୁ ଜନୈକ ବ୍ୟକ୍ତି ନିଜ ନାମରେ କରାଇଥିବା ଓ ଏହାକୁ ଖାରଜ କରାଯିବା ସମ୍ବନ୍ଧେ, ବୃନ୍ଦାମାଲରେ ସରକାରୀ ଜମି ଜବରଦଖଲ, ବେଲପାହାଡ଼ ୱାର୍ଡ଼ ନମ୍ବର ୧୯ରେ କମ୍ୟୁନିଟି ସେଣ୍ଟର ଜମି ଜବରଦଖଲ, ଗଣ୍ଡଘୋରାରେ ପୁରୁଣାବସ୍ତି ଓ ଚାଷ ଜମିକୁ ବନ୍ୟା ଦାଉରୁ ରକ୍ଷା ପାଇଁ ସୁରକ୍ଷା ପ୍ରଦାନ, ହିର୍ମା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରୀ କ୍ୟାମ୍ପ ବାସିନ୍ଦାଙ୍କ ନୂଆ ତାଲିକା ପ୍ରସ୍ତୁତି ଓ ବିସ୍ଥାପନ ଜନିତ ସୁବିଧା ପ୍ରଦାନ, ଦେବାଡିହି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ସିସିଏ ଓ ଏଲସିସିଏଙ୍କୁ ବଦଳି ଓ ସ୍ୱୟଂ ସହାୟକ ଗୋଷ୍ଠୀ ପରିବର୍ତ୍ତନ, ଏଟ କଟାପାଲି ଗ୍ରାମରେ ରାସ୍ତା ଓ ସରକାରୀ ଜମି ଜବରଦଖଲ ଏବଂ ପାହାଡ଼ି ମନ୍ଦିର ଚତୁଃପାର୍ଶ୍ୱରେ ଥିବା ସରକାରୀ ଜମି ଚିହ୍ନଟ ତଥା ଏହାର ସୁରକ୍ଷା ସମ୍ପର୍କିତ ସାମୂହିକ ଅଭିଯୋଗ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ଶିବିରରେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ୩ଜଣଙ୍କୁ ଚିକିତ୍ସା ବାବଦକୁ ରେଡକ୍ରସ ପକ୍ଷରୁ ୩୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗତ ଅଭିଯୋଗଗୁ ଯଥାଶୀଘ୍ର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ନିସ୍ତେଜକ ଡାକ୍ତର ନିଯୁକ୍ତି ଦାବି

ସମ୍ବଲପୁର,୬।୮(ବି.ଶଙ୍କର)

ସମ୍ବଲପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଦୀର୍ଘ ବର୍ଷହେବ ନିସ୍ତେଜକ ଡାକ୍ତର ନାହାନ୍ତି। ଅସ୍ତ୍ରୋପଚାର ସମୟରେ ବେସରକାରୀ ଡାକ୍ତରମାନଙ୍କର ସହାୟତା ନିଆଯାଉଛି । ତେଣୁ ରୋଗୀମାନଙ୍କର ଅସ୍ତ୍ରୋପଚାରରେ ଅସୁବିଧା ସୃଷ୍ଟି ହେଉଛି। ରୋଗୀମାନଙ୍କର ପ୍ରାଥମିକତାକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ନିସ୍ତେଜକ ଡାକ୍ତର ନିଯୁକ୍ତି ଦାବି ହୋଇଛି। ମଙ୍ଗଳବାର ଏନେଇ ଜିଲା ଭାଜପାର ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ରୋଗୀଙ୍କ ସୁବିଧା ପାଇଁ ନିସ୍ତେଜକ ଡାକ୍ତର ତୁରନ୍ତ ନିଯୁକ୍ତ କରିବାକୁ ଦାବି କରାଯାଇଛି । ଏହି ପ୍ରସଙ୍ଗରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତାରାଣୀ ମିଶ୍ରଙ୍କ ସହ ସାକ୍ଷାତ କରି ଡାକ୍ତରଖାନାର ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଏହି ପ୍ରତିନିଧି ଦଳରେ ଜିଲା ଭାଜପା ଓବିସି ମୋର୍ଚ୍ଚାର ପୂର୍ବତନ ସଭାପତି ସରୋଜ ସାହୁ, ଜିଲା ଯୁବମୋର୍ଚ୍ଚାର ପୂର୍ବତନ ସଭାପତି ଦେଓକିରଣ ପଟ୍ଟନାୟକ, ପୂର୍ବତନ ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ଭାଜପା ନେତା ଡାକ୍ତର ପ୍ରଭାସ ଦେବତା, ନରେଶ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଗଣେଶ ପୂଜାରେ ଶ୍ୟାମ ମିତ୍ର ମଣ୍ଡଳୀ ପକ୍ଷରୁ ଲାଗି ହେବ ୫୬ ଭୋଗ



ଦେବଗଡ଼,୬।୮(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଗଣେଶ ମେଳା ଆୟୋଜନ ପାଇଁ ଦେବଗଡ଼ ସାର୍ବଜନୀନ ଗଣେଶ ପୂଜା କମିଟି ପକ୍ଷରୁ ଚଳିତବର୍ଷ ମେଳା ଆୟୋଜନ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ଜାରିରହିଛି। ଏହି ଉପଲକ୍ଷେ ଶ୍ରୀ ଶ୍ୟାମ ମିତ୍ର ମଣ୍ଡଳ ପକ୍ଷରୁ ଚଳିତବର୍ଷ ଗଣେଷ ପୂଜାରେ ୫୭ କିଲୋ ଗ୍ରାମର ୫୬ ପ୍ରକାରର ଭୋଗ ଲାଗି ହେବାର ସ୍ଥିରକୃତ କରାଯାଇଛି। ଏ ନେଇ ଶ୍ୟାମ ମିତ୍ର ମଣ୍ଡଳୀର ଅଧ୍ୟକ୍ଷ ବଜରଙ୍ଗ ଲାଲ ଅଗ୍ରୱାଲଙ୍କ ନେତୃତ୍ୱରେ ମଣ୍ଡଳୀର ଉପାଧ୍ୟକ୍ଷ ଆଶିଷ ଅଗ୍ରୱାଲ, ସମ୍ପାଦକ ସୌରଭ ଗୋଏଲ, କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ଗୋଏଲ, ସଞ୍ଜୀବ ଅଗ୍ରୱାଲ, ରିତେଶ ଗୋଏଲ, ଅନିଲ ଅଗ୍ରୱାଲ, ବିନିତ୍ ଅଗ୍ରୱାଲ ପ୍ରମୁଖ ଗଣେଷ ମେଳା ଅସ୍ଥାୟୀ କାର୍ଯ୍ୟାଳୟରେ ମେଳା କମିଟି ସଭାପତି ଉମାଶଙ୍କର ସାହୁ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, ଉପ ସଭାପତି ଜନ୍ମଜୟ ନାୟକ, କୋଷାଧକ୍ଷ ପ୍ରଜିତ କୁମାର ଭୋଜ ଓ ସହ କୋଷାଧକ୍ଷ ବର୍ଣ୍ଣି ମେହେର ପ୍ରମୁଖଙ୍କ ସହ ଆଲୋଚନା କରି ଚଳିତବର୍ଷ ସାର୍ବଜନୀନ ଗଣେଷ ପୂଜାରେ ୫୬ ଭୋଗ ଲାଗି ପାଇଁ ସମ୍ମତି ଦେଇଥିବା ଜଣାପଡିଛି।

# ଏନ୍ଏଲସି ତଲାବିରା ପ୍ରକଳ୍ପରେ ଘର ଅଧିଗ୍ରହଣ ଦାବି


ତଲାବିରା ପ୍ରକଳ୍ପରେ ଘର ଅଧିଗ୍ରହଣ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ମହିଳାମାନେ।

ସମ୍ବଲପୁର,୬।୮(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆଁଖିଣ୍ଡା ଗ୍ରାମରେ ଏନ୍‌ଏଲ୍‌ସି ତଲାବିରା ୨ୟ ପ୍ରକଳ୍ପ ଅଧିଗ୍ରହଣରୁ ବାଦ୍ ପଡ଼ିଥିବା ଘରଗୁଡ଼ିକୁ ଅଧିଗ୍ରହଣ ପାଇଁ ଦାବି କରିଛନ୍ତି ୯ଟି ପରିବାର। ଉକ୍ତ ପରିବାର ଜିଲାପାଳଙ୍କ ନିକଟରେ ସେମାନଙ୍କ ଘରଗୁଡ଼ିକୁ ଅଧିଗ୍ରହଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପରିବାରବର୍ଗଙ୍କ କହିବା ଅନୁସାରେ ଏଠାରେ କିଛିବର୍ଷ ପୂର୍ବେ ଗଢ଼ି ଉଠିଥିବା ତଲାବିରା ପ୍ରକଳ୍ପ-୨ ନୂଆଁଖିଣ୍ଡା ଗ୍ରାମସ୍ଥିତ ସମ୍ପୂର୍ଣ୍ଣ ବସ୍ତିକୁ ଅଧିଗ୍ରହଣ କରିଥିବା ବେଳେ ମାତ୍ର ୯ଟି ଘରକୁ ବାଦ ଦେଇଛି। ପ୍ରକଳ୍ପ ଖଣି ସୀମାରେ ଥିବା ଉକ୍ତ ଘରଗୁଡ଼ିକରେ ରହୁଥିବା ପରିବାର ନିୟମିତ ବ୍ଲାଷ୍ଟିଂ, କୋଇଲା ପରିବହନ ଜନିତ କଳାଧୂଆଁ ଓ ଅନ୍ୟାନ୍ୟ କାରଣରୁ ସୃଷ୍ଟି ହେଉଥିବା ପ୍ରଦୂଷଣ ଯୋଗୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ବସ୍ତିର ଦୁଇଟି ପରିବାର ସେମାନଙ୍କ ଘର ଅଧିଗ୍ରହଣ ପାଇଁ ଅନିଚ୍ଛା ପ୍ରକାଶ କରିବାରୁ କମ୍ପାନୀ ପକ୍ଷରୁ ସମସ୍ତ ୯ଟି ଘରକୁ ଅଧିଗ୍ରହଣରୁ ବାଦ୍ ଦିଆଯାଇଛି। ତେବେ ପୂର୍ବରୁ ଆୟୋଜିତ ଆର୍‌ପିଡିଏସି ବୈଠକରେ ସେମାନଙ୍କ ଘର ଅଧିଗ୍ରହଣ ପାଇଁ କମ୍ପାନୀ ରାଜି ହୋଇଥିଲା। ଏଦିଗରେ ପ୍ରକ୍ରିୟା ମଧ ଆରମ୍ଭ ହୋଇଥିଲା। ମାତ୍ର ଆଜିକୁ ଏକ ବର୍ଷରୁ ଅଧିକ ସମୟ ହେଲା ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଘର ଅଧିଗ୍ରହଣ ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ପରିବାରଙ୍କୁ ବାଦ ଦେଇ ଅନ୍ୟ ସମସ୍ତ ଗୃହକୁ ଅଧିଗ୍ରହଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ଲିଖିତ ଦାବି କରିଛନ୍ତି।

# ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

ବରଗଡ଼,୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତ କିଛିଦିନ ହେଲା ବର୍ଷା ଲାଗି ରହିଛି। ଲଗାଣ ବର୍ଷା ବର୍ତ୍ତମାନ ଖରିଫ ଫସଲ ପାଇଁ ଅନୁକୂଳ ହୋଇଛି। ଚାଷୀମାନେ ଜମି ହଳ କରିବାଠାରୁ ଆରମ୍ଭ କରି ଧାନ ପହ୍ଲାରୁଆରେ ଲାଗି ପଡ଼ିଛନ୍ତି। ଅନ୍ୟପଟେ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଦୋକାନ, ବଜାର ମାନ୍ଦା ପଡ଼ି ଥିବାବେଳେ ବିଭିନ୍ନ ସ୍ଥାନରେ ଡ୍ରେନ ଏବଂ ରାସ୍ତା ଉପରେ ବହୁଥିବା ନର୍ଦ୍ଦମା ପାଣି ଘରଦ୍ୱାରକୁ ପଶୁଛି। ଏପରିକି ଡ୍ରେନେଜ ବ୍ୟବସ୍ଥା ଠିକ୍ ନଥିବା ଯୋଗୁ ବରଗଡ଼ ସରକାରୀ ବସଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇ ପଡୁଛି। ଫଳରେ ଯାତ୍ରୀମାନଙ୍କୁ ମଧ୍ୟ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଜିଲାରେ ଗତ ୧ତାରିଖରେ ୧୫୪.୮, ୨ତାରିଖ ୧୨୨.୫, ୩ତାରିଖ ୮୨.୬, ୪ତାରିଖ ୯୫.୮, ୫ତାରିଖ ୧୭୫.୮ ଏବଂ ୬ତାରିଖ ୧୭୦ମି.ମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଗତବର୍ଷଠାରୁ ଏଥର ବିଳମ୍ବରେ ବର୍ଷା ହୋଇଛି । ବର୍ଷା ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି। ଲଗାଣ ବର୍ଷା ଯୋଗୁ ଦୋକାନ, ବଜାର ମଧ୍ୟ ଖାଁ ଖାଁ ହୋଇ ବ୍ୟସାୟୀଙ୍କ ଦୁଃଖ ବଢ଼ାଇ ଦେଇଛି। ବର୍ଷା ଏଭଳି ଲାଗି ରହିଛି ଯେ, ବିନା ଛତା ଏବଂ ରେନି କୋଟ୍‌ରେ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି। ତେବେ ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନାହିଁ। ଫଳରେ ଲଗାଣ ବର୍ଷା ହେଲେ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛି। କେବଳ ଘରଦ୍ୱାର ନୁହେଁ, ବରଗଡ଼ ସରକାରୀ ବସଷ୍ଟାଣ୍ଡ, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଅନେକ ସରକାରୀ ଅନୁଷ୍ଠାନରେ ନର୍ଦ୍ଦମା ପାଣି ଲହଡ଼ି ମାରୁଛି। ତେବେ ପ୍ରତିବର୍ଷ ଏଭଳି ସମସ୍ୟା ଲାଗି ରହିଥିବାବେଳେ ତାର ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବା ଯୋଗୁ ଏହା ସରକାରୀ କଳର ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ସାଧାରଣରେ ଆଲୋଚିତ ହେଉଛି।

# ବୃକ୍ଷରୋପଣ କାର୍ଯ୍ୟକ୍ରମ



ଦେବଗଡ଼,୬।୮(ଶଶାଙ୍କ ଶେଖର ଝାଙ୍କର)

୭୫ତମ ବନମହୋତ୍ସବ ପାଳନ ଅବସରରେ ଦେବଗଡ଼ ବନ ବିଭାଗ ଓ ଜିଲା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କୁରଡକୋଟ ସ୍ଥାୟୀ ନର୍ସରୀଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦେବଗଡ ଫରେଷ୍ଟର ପ୍ରିତମ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବେହେରା, ଦେବଗଡ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ, ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସିଦ୍ଧାର୍ଥ ଗୁରୁ ଓ ସତ୍ୟ ନାରାୟଣ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟ କରିଥିଲେ। ଏହି ଅବସରରେ ସେମାନେ ପରିବେଶ ସନ୍ତୁଳନ ଓ ସୁରକ୍ଷା କ୍ଷେତ୍ରରେ ବୃକ୍ଷରୋପଣର ଆବଶ୍ୟକତା ଏବଂ ସାମ୍ବାଦିକମାନଙ୍କ ଭୂମିକା ଉପରେ ସବିଶେଷ ଆଲୋଚନା କରିଥିଲେ। ଏହାପରେ ନର୍ସରୀ ପରିସରରେ ବିଭିନ୍ନ କିସମର ବହୁ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାରକୋଟ ବନାଞ୍ଚଳ ଅଧିକାରୀ ଚିତ୍ତରଞ୍ଜନ ପୁରୋହିତଙ୍କ ସମେତ ବନ ବିଭାଗର ବହୁ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ସାମ୍ବାଦିକମାନେ ଅଂଶଗ୍ରହଣ କରିଥିଲେ।

# ଅଙ୍ଗନଦୀରେ ଭାସିଯାଉଥିବା ୨ ଛାତ୍ର ଉଦ୍ଧାର

ପଦ୍ମପୁର, ୬।୮(ପ୍ରଦୀପ୍ତ ଦାଶ )

**ସାହସିକତାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ସରପଞ୍ଚ**

ବରଗଡ ଜିଲା ପଦ୍ମପୁର ନିକଟସ୍ଥ ମହୁଲପାଲି ଅଙ୍ଗ ନଦୀରେ ଦୁଇ ଛାତ୍ର ଗାଧୋଇବା ସମୟରେ ମଝି ପାଣି ସ୍ରୋତରେ ଭାସି ଯାଉଥିଲେ। ଏହା ଦେଖି ଅନ୍ୟ ଦୁଇ ଛାତ୍ର ନିଜ ଜୀବନକୁ ବାଜି ଲଗାଇ ନଦୀକୁ ଡେଇଁ ପଡି ତାଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇଛନ୍ତି। ରବିବାର ସ୍କୁଲ ଛୁଟି ଥିବାରୁ ମହୁଲପାଲି ଗ୍ରାମର ସୁରଜ ବାଗ(୧୪) ଓ ସୁଶାନ୍ତ ଭଏଁସାଲ (୧୫) ଦୁଇଜଣ ଗାଁ ଅଙ୍ଗନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ମଝି ନଈରେ ସୁରଜ ଭାସି ଯାଉଥିବାଦେଖି ସୁଶାନ୍ତ ବଞ୍ଚାଇବାକୁ ଯାଇ ନିଜେ ମଧ ଭାସି ଯାଉଥିଲା। ଏହି ସମୟରେ ଦୁଇ ଜଣଜଣ ଛାତ୍ର ସୋମ ସ୍ୱସ୍ତିକ ବରିହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଶମ ଶ୍ରେଣୀର ଛାତ୍ର ଓ ଯୋଗେଶ କୁମାର ସାହୁ ଜିଷ୍ଟ ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ର ଗାଧୋଇବାକୁ ଯାଇଥିବା ବେଳେ ଦୁଇ ଜଣ ଭାସି ଯାଉଥିବା ଦେଖିଲେ ଏବଂ ନଦୀକୁ ଡିଆଁମାରି ମଝି ନଦୀରୁ ୧୦୦ମିଟର ପର୍ଯ୍ୟନ୍ତ ସଂଘର୍ଷ କରି ଦୁଇ ବାଳକକୁ ଜୀବନ୍ତ ଉଦ୍ଧାର କରିଛନ୍ତି। ଏହି ଖବର ପ୍ରଚାର ହେବା ପରେ ସୋମ ଓ ଯୋଗେଶଙ୍କ ପାଇଁ ବିଭିନ୍ନ ସ୍କୁଲ ଅନୁଷ୍ଠାନ ଓ ବୁଦ୍ଧିଜୀବିମହଲରୁ ପ୍ରଶଂସାର ସୁଅ ଛୁଟୁଛି। ମହୁଲପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ପଙ୍କଜିନୀ ବେହେରା ଉଭୟ ଛାତ୍ରଙ୍କ ସାହସକୁ ପ୍ରଶଂସା କରିବା ସହ ସାହସିକତା ସମ୍ମାନ ପ୍ରଦାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବେଲପାହାଡ଼ରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,୬।୮(ସଞ୍ଜୟ ମାଲି)



ଝାରସୁଗୁଡ଼ା ଜିଲା ବେଲପାହାଡ଼ ବାସନ୍ତୀ ହସ୍ପିଟାଲ ପକ୍ଷରୁ ସ୍ୱର୍ଗତ ବାସନ୍ତୀ ପ୍ରଧାନଙ୍କ ସ୍ମୃତିରେ ମଙ୍ଗଳବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ ବାସନ୍ତୀ ହସ୍ପିଟାଲରେ ଶିବିର ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ଯାଏଁ ଚାଲିଥିଲା। ସ୍ୱର୍ଗତ ବାସନ୍ତୀଙ୍କ ୬୫ତମ ଜୟନ୍ତୀ ଅବସରରେ ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କ ମଧରେ ବେଲପାହାଡ ଅଞ୍ଚଳର ଜଣାଶୁଣା ତଥା ସ୍ୱର୍ଗତ ବାସନ୍ତୀଙ୍କ ସ୍ୱାମୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବଡ଼ପୁଅ ଦନ୍ତ ଚିକିତ୍ସକ ଡ଼ା. ଜିତେନ୍ଦ୍ର ପ୍ରଧାନ, ସାନ ପୁଅ କ୍ରିଟିକାଲ କେୟାର ଡ଼ା. ରାଜକୁମାର ପ୍ରଧାନଙ୍କ ସହ ୟୁରୋଲୋଜି ଡ଼ା. ବରୁଣ ତମରାକର, ଅର୍ଥୋପେଡିକ ଡ଼ା. କେ.ଏଲ. ପାଢ଼ୀ, ଗାଇନୋକୋଲୋଜିଷ୍ଟ ଡ଼ା. ଏସ.କେ. ପାଣିଗ୍ରାହୀ, ଲେପ୍ରୋସ୍କୋପି ସର୍ଜନ ଡ଼ା. ଅଶ୍ୱିନୀ ସା ପ୍ରମୁଖ ଯୋଗଦେଇ ରୋଗୀଙ୍କୁ ଚିକିତ୍ସା କରିଥିଲେ। ଏହା ସହିତ ରୋଗୀମାନଙ୍କୁ ନିଃଶୁଳ୍କ ଡାକ୍ତର ପରାମର୍ଶ, ରକ୍ତଚାପ, ମଧୁମେହ, ପରିଶ୍ରା ଆଦି ପରୀକ୍ଷା କରାଯାଇଛି। ଶିବିରରେ ୫୦୦ ଶହରୁ ଊର୍ଦ୍ଧ୍ୱ ଲୋକେ ଚିକିତ୍ସା ସେବା ପାଇଛନ୍ତି ।

# ନୃସିଂହନାଥ ପୀଠ ଛାତରୁ ପାଣି ଝରୁଛି

ପଦ୍ମପୁର,୬।୮(ପ୍ରଦୀପ୍ତ ଦାଶ)



ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ନୃସିଂହନାଥ ପୀଠରେ ଗତ ସରକାର ସମୟରେ ୫-ଟି ଯୋଜନାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନବିକରଣ କରାଯାଇଥିବାର ବାସ୍ତବଚିତ୍ର ଏବେ ପଦାରେ ପଡିଛି। ବିଜେଡି ସରକାର ସମୟରେ କିଭଳି ଦୁର୍ନୀତି କାମ ଚାଲିଥିଲା ତାହାର ଏହା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଭାଜପା ଯୁବନେତା ପ୍ରିତେଶ ବହିଦାର ଓ ରୋଶନ ପାଣିଗ୍ରାହୀ, ପିଣ୍ଟୁ ଭୋଇ ପ୍ରମୁଖ ନୃସିଂହନାଥ ପୀଠକୁ ଦର୍ଶନ ନିମନ୍ତେ ଯାଇଥିବାବେଳେ ଦେଖିବାକୁ ପାଇଥିଲେ ଯେ, ନୃସିଂହନାଥ ପୀଠର ଉନ୍ନତି ଓ ନବିକରଣ ନାମରେ ସରକାରୀ ଅର୍ଥ ହରିଲୁଟ ହୋଇ ନିମ୍ନମାନର କାମ ହୋଇଛି। ମନ୍ଦିରର ଯାତ୍ରୀ ବିଶ୍ରାମ ଗୃହକୁ ଭାଙ୍ଗି ୫-ଟି ନାମରେ ନୂତନ ଯାତ୍ରୀ ପ୍ରତିକ୍ଷାଳୟ, ଅଫିସ ଗୃହ ଇତ୍ୟାଦି ତିଆରି ହୋଇଛି। ହେଲେ ତାହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ପାଣି ଗଳୁଛି। ସାମାନ୍ୟ ବର୍ଷା ଯୋଗୁ ଛାତରୁ ପାଣି ଗଳୁଛି ଯାହା ଅତ୍ୟନ୍ତ ଦୁଃଖଦ ଘଟଣା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସହ ଉକ୍ତ ନିମ୍ନମାନର କାମ ବିଷୟରେରେ କଥା ହୋଇ ଫେରିଛନ୍ତି। ନିମ୍ନମାନର କାମ ବିଷୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଜଣାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ବରଗଡ଼ ଜିଲାର ନୃସିଂହନାଥ ପୀଠରେ ୫-ଟି ଯୋଜନା ଦ୍ୱାରା ୪୦ କୋଟି ଟଙ୍କା ବିନିମୟରେ ତିଆରି ହୋଇଥିବା ଅଫିସ, ଯାତ୍ରୀ ନିବାସ, ପର୍ଯ୍ୟଟକ ବିଶ୍ରାମାଳୟ, ସୂଚନା କେନ୍ଦ୍ର ପ୍ରଭୃତି ନୂଆ ତିଆରି ହୋଇଥିବା ଛାତରୁ ପାଣି ଝରୁଛି। ଗତ ଫେବୃଆରୀରେ ତରବରିଆ ଭାବରେ ଉଦଘାଟନ କରାଯାଇଥିବା ଏହି ବିଲଡିଂ ଛାତରୁ ପାଣି ଗଳି ତଳେ ଥପଥପ ହୋଇ ପଡୁଛି। ଫଳରେ ଅଫିସ ହେଉକି ଯାତ୍ରୀ କାହାରି କାମରେ ଲାଗୁନାହିଁ। ଲୋକଙ୍କ ସୁବିଧା ସୁଯୋଗ ପାଇଁ ତତ୍କାଳିନ ସରକାର ୫-ଟି ଯୋଜନାରେ ୪୦ କୋଟି ଖର୍ଚ୍ଚ କରିଛନ୍ତି। ସ୍ଥାନୀୟ ଜନସାଧାରଣ ତଥା ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନ ଉକ୍ତ କାମକୁ ଦେଖି ତଦନ୍ତ ପାଇଁ ଦାବି କରୁଛନ୍ତି। ପାଇକମାଳ ଓ ପଦ୍ମପୁରର ସଚେତନ ନାଗରିକ ମହଲରେ ଉକ୍ତ ନୃସିଂହନାଥର କାମକୁ ନେଇ ମୁଖ୍ୟମନ୍ତ୍ରୀ ନିଜେ ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ଜନସାଧାରଣରେ ଦାବି ଉଠିଛି। ଯାହାକୁ ନେଇ ଯୁବନେତା ପ୍ରିତେଶ ବହିଦାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ଠାରେ ତଦନ୍ତ କରିବାକୁ ଦାବି ଜଣାଇବେ ବୋଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମଦ ଚୋରି ଘଟଣାରେ ୩ ଗିରଫ

**ବୋଡ଼େନ,୬।୮(ଟିକେଶର ନାଗ):** ନୂଆପଡ଼ା ଜିଲା ବୋଡ଼େନ ଥାନା ବୋଡ଼େନ ବସ୍‌ଷ୍ଟାଣ୍ଡ ପାଖ ବିଦେଶୀ ମଦ ଦୋକାନରୁ ମଦ ଚୋରି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ସେମାନେ ହେଲେ ବୋଡ଼େନ ଗ୍ରାମର ଭାଙ୍ଗଖାଉ ମାଝି, ରୁଣ୍ଡି ଗ୍ରାମର ରୁପସିଂ ମାଝି ଓ ବିନୋପୁର ଗ୍ରାମର ପିଣ୍ଟୁ ନିଆଳ। ସୂଚନାନୁସାରେ ଗତ ୧ ତାରିଖ ରାତ୍ରିରେ ଉକ୍ତ ବିଦେଶୀ ମଦ ଦୋକାନର ସିସିଟିଭି ଭାଙ୍ଗି ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କାର ମଦ ଚୋରି କରି ନେଇଥିଲେ। ୨ତାରିଖରେ ଦୋକାନ ମ୍ୟାନେଜର ଶ୍ରୀକାନ୍ତ ସାହୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୭୪/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ବୋଡ଼େନ ଥାନା ଅଧିକାରୀ ଗୋବିନ୍ଦ ମାଝିଙ୍କ ନେତୃତ୍ୱରେ ୮ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ବିଭିନ୍ନ ବ୍ରାଣ୍ଡର ୪୧ ବୋତଲ ବିଦେଶୀ ମଦ ଜବତ କରିଥିଲେ।

### ବ୍ଲକ ବିଜେଡି ସଭାପତିଙ୍କ କାର୍ ଦୁର୍ଘଟଣା

#### ବର୍ତ୍ତିଲେ ପରିବାର ଲୋକେ



**ଲାଞ୍ଜିଗଡ, ୬।୮(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆଙ୍କ କାର୍ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଥିବା ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁସାରେ ହିମାଦ୍ରୀ ତାଙ୍କ ସ୍ତ୍ରୀ ଓ ଭାଇଙ୍କ ସହ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କାର୍ (ଓଡି୦୨ବିୱାଇ-୧୮୮୧) ଯୋଗେ ଲାଞ୍ଜିଗଡଠାରୁ ବିଶାଖାପାଟଣା ଯାଉଥିଲେ। ରାୟଗଡା ଜିଲା ଗତିଗୁଡା ନିକଟରେ ସାମ୍ନା ପଟୁ ଆସୁଥିବା ଏକ ଅଟୋ ହଠାତ୍ ଦିଗ ବଦଳାଇବାରୁ ଅଟୋରେ ଥିବା ଯାତ୍ରୀଙ୍କୁ ବଞ୍ଚାଇବାକୁଯାଇ କାର୍ ଭାରସାମ୍ୟ ହରାଇ ଗଛରେ ବାଡେଇ ହୋଇଯାଇଥିଲା। ଏଥିରେ ଗାଡିର ସାମ୍ନା ପଟ ଭାଙ୍ଗି ଚୂରମାର ହୋଇଯାଇଥିଲେ ହେଁ ପରିବାର ଲୋକେ ବର୍ତ୍ତି ଯାଇଥିଲେ। ପରିବାର ସାମାନ୍ୟ ଆହତ ହୋଇଥିବାରୁ ବିଷମକଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଖବର ମିଳିଛି।

### ପଣ୍ଡିତ କିଶୋର ଶତପଥୀଙ୍କ ପରଲୋକ

**ଭବାନୀପାଟଣା,୬।୮(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ବିଶିଷ୍ଟ ବୈଦିକ କର୍ମକାଣ୍ଡ ବିଶାରଦ ତଥା ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ କିଶୋର ଚନ୍ଦ୍ର ଶତପଥୀଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ମିହିର, ମନୋଜ, ମହେନ୍ଦ୍ର ଓ ମହେଶ, ବୋହୂ ରଶ୍ମିତା, ପ୍ରିୟତମା, ଆରତୀ, ଝିଅ ପ୍ରତିମା, ପ୍ରଣିତା, ଜ୍ୱାଇଁ ଉତ୍ତମ, ଚନ୍ଦନଙ୍କ ସମେତ ନାତିନାତୁଣୀ ଉପସ୍ଥିତ ଥିଲେ। ପଣ୍ଡିତ ଶତପଥୀ ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଭାବରେ କର୍ମମୟ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ପାଷ୍ଟିକୁଡ଼ି, କୁରୁଗୁଡ଼ା ଓ ଆମପାଣି ଆଶ୍ରମ ହାଇସ୍କୁଲରେ କାର୍ଯ୍ୟକରି ଅବସର ନେଇଥିଲେ। ବୈଦିକ କର୍ମକାଣ୍ଡ ଓ ଜ୍ୟୋତିଷ ବିଦ୍ୟାରେ ସେ ବିଶାରଦ ଥିଲେ। ଶମ୍ଭୁନଗର ପଡ଼ା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ମିହିର ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଜଗନ୍ନାଥ ମୁଣ୍ଡ ଓ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ଶୋକ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।





ଛଟେଇ ଶ୍ରମିକମାନେ ଗଣଧାରଣା ଦେଉଛନ୍ତି।

# କମ୍ପାନୀର ଶ୍ରମିକମାରଣ ନୀତିକୁ ବିରୋଧ

## ଛଟେଇ ଶ୍ରମିକଙ୍କ ଗଣଧାରଣା

**ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତଳଜାରିଙ୍ଗଠାରେ ନିର୍ମାଣ ହେଉଥିବା ଇଣ୍ଡିଆନ ପଟାସ ଲିମିଟେଡ଼ କମ୍ପାନୀ ସ୍ଥାନୀୟ ବ୍ଲକ ଅଞ୍ଚଳର ଶ୍ରମିକଙ୍କୁ ଅଣଦେଖା କରି ଅନ୍ୟ ରାଜ୍ୟର ଶ୍ରମିକଙ୍କୁ କାମ ଯୋଗାଇ ଦେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଛଟେଇ ଶ୍ରମିକମାନେ ମଙ୍ଗଳବାର ଭାରତୀୟ ମଜଦୂର ସଂଘ ସହଯୋଗରେ ରାଜରାସ୍ତାରେ ଗଣଧାରଣା ଦେଇଛନ୍ତି। ଶ୍ରମିକମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଗତ ୪ମାସ ଧରି କମ୍ପାନୀରେ ମେକାନିକାଲ ବିଭାଗରେ କାର୍ଯ୍ୟରତ ଥିଲେ। ଗତ ୯ ତାରିଖରେ ସେମାନେ କମ୍ପାନୀରେ କାମସାରି ଘରକୁ ଫେରିଥିଲେ। ହେଲେ ଦିନକ ପରେ ଅର୍ଥାତ୍ ୧୦ ତାରିଖରେ ଆଉ ସେମାନଙ୍କୁ କମ୍ପାନୀ ଭିତରକୁ ଛଡାଗଲା ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ୫୦ଜଣ ଶ୍ରମିକ ଜିଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଶ୍ରମିକଙ୍କୁ କାମ ଯୋଗାଇଦେବା ନେଇ ଜିଲା ଶ୍ରମ ଅଧିକାରୀ ମଧ୍ୟ ଇଣ୍ଡିଆନ ପଟାସ ଲିମିଟେଡ଼କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ ମଧ୍ୟ ବେଖାତିର କରିଥିଲେ କମ୍ପାନୀ କର୍ତ୍ତୃପକ୍ଷ। ବର୍ତ୍ତମାନ କାମ ନ ପାଇବାରୁ ଶ୍ରମିକଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ଫଳରେ ଅନ୍ୟ ଉପାୟ ନ ପାଇ କାମ ଯୋଗାଇ ଦେବା ଦାବିରେ ସେମାନେ କମ୍ପାନୀ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଶ୍ରମିକ ଯଶୋବନ୍ତ ନାଗ, ଉମା ଶଙ୍କର କର ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଇଣ୍ଡିଆନ ପଟାସ ଲିମିଟେଡ଼ର ଏଚ୍‌ଆର୍ ପ୍ରୀତମ କୁମାର ଦାଶଙ୍କୁ ପଚାରିବାରୁ ମୁଁ କିଛି କହିପାରିବିନି, ଯାହା ପରିଚାଳନା କମିଟି ନିଷ୍ପତ୍ତି ନେବେ ବୋଲି ସଫେଇ ଦେଇଥିଲେ।

# ପାର୍କିଂ ବ୍ୟବସ୍ଥା ପାଇଁ ଏସ୍‌ବିଆଇ ସିଜିଏମ୍‌ଙ୍କୁ ଦାବିପତ୍ର

**ବେହେରା,୬।୮ (ଭୂପେଶ ତିୱାରୀ)**




ସିଜିଏମ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଧର୍ମଗଡ଼ ଶାଖା ସମ୍ମୁଖରେ ଗାଡ଼ି ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବ୍ୟାଙ୍କକୁ ଆସୁଥିବା ଗ୍ରାହକ ତଥା ହିତାଧିକାରୀ ଜାତୀୟ ରାଜପଥ କଡ଼ରେ ଗାଡ଼ି ପାର୍କିଂ କରୁଥିବାରୁ ବହୁ ସମୟ ଧରି ସେଠାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ବ୍ୟାଙ୍କକୁ ଆସୁଥିବା ହିତାଧିକାରୀ ଯାନବାହନକୁ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ରଖୁଥିବାରୁ ସେଠାକୁ ଆସୁଥିବା ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଧର୍ମଗଡ଼ ଚାମ୍ବର ଅଫ୍ କମର୍ସ ତରଫରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓଡ଼ିଶା ଶାଖାର ଚିଫ୍ ଜେନେରାଲ ମ୍ୟାନେଜର(ସିଜିଏମ୍)ଙ୍କୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୧ତାରିଖରେ ସିଜିଏମ୍ ଦିନେଶ ପ୍ରୁଥୀ ଧର୍ମଗଡ଼ ଗସ୍ତରେ ଆସିଥିବା ସମୟରେ ଏହି ସମସ୍ୟା ନେଇ ଖବରଦାତାମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାମ୍ବର ଅଫ୍ କମର୍ସର ସଭାପତି ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଅରୁଣ କୁମାର ତାୟଲ, ଶ୍ରବଣ ଅଗ୍ରୱାଲ, ଜଗନ୍ନାଥ ପୃଷ୍ଟି, ଦୁର୍ଗା ପାଣିଗ୍ରାହୀ ପ୍ରମୁଖ ଏ ନେଇ ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ପାଣି

**କୋମନା,୬।୮(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଭେଲା ପଞ୍ଚାୟତର କ୍ରିଷ୍ଣା ଗାଁରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ବସ୍ତିପଡ଼ା, ଖରିକାରପଡ଼ା ଓ ବନ୍ଧ ପଡ଼ାକୁ ନେଇ ଗାଁ ଗଠିତ। ଗ୍ରାମର କୋମଳମତି ଶିଶୁମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ବସ୍ତିପଡ଼ା ଓ ବନ୍ଧପଡ଼ାରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ବସ୍ତିପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ୩୧ଜଣ ଓ ବନ୍ଧପଡ଼ା କେନ୍ଦ୍ରରେ ୧୫ ଜଣ ଶିଶୁ ଅଧ୍ୟୟନ କରୁଛନ୍ତି। ହେଲେ ଅସରାଏ ବର୍ଷାରେ ଅଙ୍ଗନୱାଡି କେନ୍ଦ୍ର ସାମ୍ନାରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ କୋମଳମତି ଶିଶୁ ଯା'ଆସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସୁରକ୍ଷା ପାଇଁ ଅଙ୍ଗନୱାଡି କେନ୍ଦ୍ରରେ ପାଚେରି ନାହିଁ। ଏ ସମ୍ପର୍କରେ ସିଡିପିଓ ମଳିନୀ ପ୍ରଧାନଙ୍କୁ ପଚାରିବାରୁ ଏହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ଭାଲୁ ଆକ୍ରମଣରେ ୨ ଗୁରୁତର

**କୋକସରା,୬।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**



ଭାଲୁ ଆକ୍ରମଣରେ ଗୁରୁତର ଯୁବକ।

କଳାହାଣ୍ଡି ଜିଲା କୋକସରା ଓ ଜୟପାଟଣା ବ୍ଲକର ୨ ଜଣ ଚାଷୀ ମଙ୍ଗଳବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସୂଚନା ମତେ ଜୟପାଟଣା ଉଛୁଳା ଫରେଷ୍ଟ ସେକ୍ସନ ପାଣ୍ଡରି ପଖାନ ଗ୍ରାମର ଯୁବଚାଷୀ ଲକ୍ଷ୍ମଣ ନାଏକ (୩୩) ପାହାନ୍ତିଆରୁ ଶୌଚ ପାଇଁ ଗାଁ ନିକଟ ନାଳାକୁ ଯାଉଥିବା ବେଳେ ପାଖ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସିଥିବା ଭାଲୁ ହାବୁଡରେ ପଡିଥିଲେ। କୌଣସି ପ୍ରକାରେ ସେ ଖସିଆସିଥିଲେ ମଧ୍ୟ ଆକ୍ରମଣରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଧର୍ମଗଡ ରେଞ୍ଜ କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ଡୁଡୁକାଠେଙ୍ଗା ପଞ୍ଚାୟତ ଧୋବେନଚଞ୍ଚରା ଗ୍ରାମର ଚାଷୀ ନୀଳାମ୍ବର ପାତ୍ର (୫୫) ପାହାନ୍ତିଆରୁ ନିଜ ଚାଷଜମିକୁ ଯାଇଥିବା ବେଳେ ପାଖ ସାହାଜଖୋଲ ଜଙ୍ଗଲରୁ ଚାଲିଆସିଥିବା ଭାଲୁ ଆକ୍ରମଣରେ ଗୁରୁତର ହୋଇଥିଲେ। ପରିବାର ଲୋକେ ଏ ନେଇ ଆମପାଣି ଫରେଷ୍ଟ କର୍ମଚାରୀଙ୍କୁ ଖବର ଦେଇଥିଲେ। ଫରେଷ୍ଟ କର୍ମଚାରୀ ପହଞ୍ଚି ପରିବାର ଲୋକଙ୍କ ସହ ଗୁରୁତର ଯୁବକଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି ଜୟପାଟଣା ଉଛୁଳା ଫରେଷ୍ଟ ଗାର୍ଡ ରୁଦ୍ର ପ୍ରସାଦ ନାଏକ ଓ ଆମପାଣି ଫରେଷ୍ଟ ଗାର୍ଡ ନାରାୟଣ ନାଗ ସୂଚନା ଦେଇଛନ୍ତି।

# ଧୋଇଗଲା ଆପ୍ରୋଚ୍ ରୋଡ୍



ଯୁବକଙ୍କୁ ଉଦ୍ଧାର କରାଯାଉଛି।

## ନିର୍ମାଣାଧୀନ ପୋଲ ଖାଲରେ ବାଇକ୍ ସହ ପଡ଼ିଗଲେ ଯୁବକ

**ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ମଙ୍ଗଳବାର ଅପରାହ୍ନରୁ ପ୍ରବଳ ବର୍ଷା ଜାରି ରହିଛି। ଏଥିରେ ଜିଲାର ଏମ୍.ରାମପୁର, ଥୁଆମୂଳ ରାମପୁର, ଜୁନାଗଡ଼ ଓ ଭବାନୀପାଟଣାରେ ସର୍ବାଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ବର୍ଷା ପାଣିରେ ଏମ୍.ରାମପୁର-ମୋହନଗିରି ରାସ୍ତାର ମାଣିକେରା ନିକଟରେ ନିର୍ମାଣାଧୀନ ନୂତନ ପୋଲର ଆପ୍ରୋଚ୍ ରୋଡ୍ ଧୋଇଯାଇଛି। ଏହି ସମୟରେ ଉକ୍ତ ରାସ୍ତାରେ ଯାଉଥିବା ଜଣେ ଯୁବକ ପୋଲ ଖାଲରେ ବାଇକ୍ ସହ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ସୁରକ୍ଷିତ ଭାବେ ତାଙ୍କୁ ଉଦ୍ଧାର କରିଛନ୍ତି। ଫଳରେ ଯୁବକ ଜଣକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉଦ୍ଧାର ହୋଇଥିବା ଯୁବକ ଜଣକ ମୋହନଗିରିର ଆଦିତ୍ୟ ବୋଲି ଜଣାପଡ଼ିଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା

**ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)**



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀ।

ସଂଘର୍ଷ ହିଁ ଜୀବନର ମୂଳମନ୍ତ୍ର। ଯିଏ ନିଜକୁ ଯେତେ ପରିମାର୍ଜିତ କରିବ, ସିଏ ଜୀବନରେ ସେତେ ସଫଳତା ପାଇବ। ଏଥିପାଇଁ କଠିନ ପରିଶ୍ରମ ଓ ଡିଜିଟାଲି ଆମକୁ ଅଧିକ ସକ୍ଷମ ହେବାକୁ ପଡିବ ବୋଲି ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭବାନୀପାଟଣା ମୁଣ୍ଡିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଜିଲା ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ବିଦ୍ୟାଳୟ ଅଧକ୍ଷା ଇତିଶ୍ରୀ ସାହୁ, ଓୟୁଟିଆର ଭୁବନେଶ୍ୱରର ରୁତୁରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷିକା ସ୍ମୃତିଶିଲ୍‌ଭା ପଣ୍ଡା ସ୍ୱାଗତ ଭାଷଣ ଓ ଶିକ୍ଷକ ସୋମନାଥ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୨୪ଟି ହେକାଥନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅଂଶଗ୍ରହଣକାରୀଙ୍କୁ ପ୍ରସଂଶାପତ୍ର ଓ ବିଜେତାଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ମୁଣ୍ଡିଗୁଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅଦିତି ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରି ୧୫ ହଜାର, ଜୁନାଗଡ଼ ପ୍ରିୟଦର୍ଶିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ କରିଶ୍ମା ଶବର ଦ୍ୱିତୀୟ ସ୍ଥାନ ଅଧିକାର କରି ୧୦ ହଜାର, ଏମ୍. ରାମପୁର ଓଏଭିର ଛାତ୍ରୀ ମନିଷା ବଂସଲ ତୃତୀୟ ସ୍ଥାନ ଅଧିକାର କରି ୫ ହଜାର ପୁରସ୍କାର ରାଶି ପାଇଥିଲେ।

# ଏନ୍‌ଏସି ପକ୍ଷରୁ ସ୍ୱଚ୍ଛସାଥୀଙ୍କୁ ବର୍ଷାତି ପ୍ରଦାନ

**ଖଡ଼ିଆଳ,୬।୮(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ୯୫ଜଣ ସ୍ୱଚ୍ଛସାଥୀ ସଫେଇ ଦାୟିତ୍ୱ ହାତକୁ ନେଇଛନ୍ତି। ସେମାନେ ସକାଳଠାରୁ ବିଭିନ୍ନ ୱାର୍ଡ ବୁଲି ସଫେଇ କରିଥାନ୍ତି। ଖରା, ବର୍ଷା, ଶୀତରେ ବି ସେମାନେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରନ୍ତି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଏସି ପକ୍ଷରୁ ସେମାନଙ୍କୁ ବର୍ଷାତି, ଜୋତା ଓ ହ୍ୟାଣ୍ଡ ଗ୍ଲୋଭ୍ ପ୍ରଦାନ କରାଯାଇଛି। ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସଫେଇ ଦାୟିତ୍ୱରେ ଥିବା ଇଜାର ତାଣ୍ଡି ଉପସ୍ଥିତ ଥିଲେ।

# କୋଶଳା ମାଳୀ ପଟେଲ ସମାଜର କାର୍ଯ୍ୟକାରିଣୀ ସଭା

**କୋକସରା,୬।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋଶଳା ମାଳି ପଟେଲ ସମାଜ ପକ୍ଷରୁ ମଙ୍ଗଳବାର କୋକସରା ବ୍ଲକ ମୋଟେର ଧାନମଣ୍ଡି ପରିସରରେ କାର୍ଯ୍ୟକାରିଣୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଙ୍ଗଯୋଷୀ ଯୋଗଦେଇଥିଲେ। ବଡ଼ ଟେମରି କର୍ମକର୍ତ୍ତାଙ୍କ ଆୟୋଜନରେ ଅନୁଷ୍ଠିତ ସଭାରେ ସଭାପତି ଧର୍ମୁ ପଟେଲ ସଭାପତିତ୍ୱ କରିଥିଲେ। ପୂର୍ବତନ ଜିଲା ସଭାପତି ଘନଶ୍ୟାମ ପଟେଲ ମୁଖ୍ୟବକ୍ତା ଓ ଚିନ୍ତାମଣି ପଟେଲ, ପୂର୍ବ ଜୋନ ସମ୍ପାଦକ ସମ୍ପତ୍ତି ପୁଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଜିଲା କର୍ମକର୍ତ୍ତା ଚୟନ ହୋଇଥିଲେ। ସର୍ବ ସମ୍ମତିକ୍ରମେ ଜିଲା ସଭାପତି ଭାବେ ସମ୍ପତି ପୁଟେଲଙ୍କୁ ମନୋନୀତ କରାଯାଇଛି। ଜିଲା ସମ୍ପାଦକ ପବିତ୍ର ପଟେଲ ମଞ୍ଚ ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ଜୟହରି ପଟେଲ, କୋଷାଧ୍ୟକ୍ଷ ପ୍ରଦୀପ ପଟେଲ, ବୃହସ୍ପତି ପଟେଲ, ବିନୋଦ ପଟେଲ, ଅରବିନ୍ଦ ପଟେଲ, ଡିଙ୍ଗର ପଟେଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ପଟେଲ ସମାଜର କାର୍ଯ୍ୟକାରିଣୀ ସଭାରେ ଅତିଥିମାନେ।

# 'ଲୋକ ଯାହା ଚାହିଁବେ ନିଶ୍ଚିତ ହେବ'

## ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନୂଆପଡ଼ା ଗସ୍ତ

**ନୂଆପଡ଼ା,୬।୮ (ମକାରୁ ବେମାଲ)**



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂଚନା ଦେଉଛନ୍ତି।

ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ସ୍ମାର୍ଟ ପାର୍କ, ୩ ଶହ ଆସନବିଶିଷ୍ଟ ବହୁମୁଖୀ ହଲର ଭିତ୍ତିପ୍ରସ୍ତର ସ୍ଥାପନ ସହ ମୁକ୍ତା ଯୋଜନାରେ ୨୪ ଓ କଚ୍ଚା ପକ୍କା ରାସ୍ତା ଯୋଜନାର ୨୨ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ସକାଳେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ନୂଆପଡା ସର୍କିଟ ହାଉସରେ ପହଞ୍ଚି ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ନୂଆପଡା ଅଗ୍ନିଶମ ବିଭାଗ ସମ୍ମୁଖ ପଡିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ମୋହନ ସରକାର ଲୋକଙ୍କ ସରକାର, ଲୋକ ଯାହା ଚାହିଁବେ ନିଶ୍ଚିତ ହେବ ବୋଲି କହିଥିଲେ। ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ହରିଶ୍ଚନ୍ଦ୍ର ପଣ୍ଡା, ସଦର ଏନ୍‌ଏସି ଅଧକ୍ଷ ମହମ୍ମଦ ଆଦାମ, ଖରିଆର ରୋଡ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ କାର୍ଯ୍ୟାଳୟରେ ଏନ୍‌ଏସି ସମୀକ୍ଷା ବୈଠକ ପରେ ଭାଜପା ଜିଲା କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି ନୂତନ ସରକାରଙ୍କ ପଦକ୍ଷେପ ଉପରେ ମନ୍ତ୍ରୀ ସୂଚନା ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, କୃଷି ଉପରେ ବିଶେଷ ଧ୍ୟାନ ଦେବା ସହ ୩ ଲକ୍ଷ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଚାକିରି, ୧୫ ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହିଳା ଓ ଶିଶୁ ବିକାଶ, ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସମୃଦ୍ଧ କୃଷି, ସିଏମ୍ କୃଷକ ଯୋଜନା, ଛାତ ଉପରେ ସୌର ପ୍ରକଳ୍ପ, ଗ୍ରାମ ପଞ୍ଚାୟତରେ ସୌରଶକ୍ତି ଚାଳିତ ଆଲୋକୀକରଣ ଇତ୍ୟାଦି ଯୋଜନା ସରକାର ହାତକୁ ନେଇଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂଚନା ଦେଇଥିଲେ।

## ଗୋରୁ ଚୋରି ଅଭିଯୋଗରେ ଗିରଫ

**ପାଇକମାଲ, ୬।୮(ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ପୋଲିସ ପୁଣି ଥରେ ଗୋରୁ ଚୋରମାନଙ୍କୁ ଧରି ପଦ୍ମପୁର କୋର୍ଟକୁ ମଙ୍ଗଳବାର ପଠାଇଛି। ପାଇକମାଳ ଥାନା ଲାଉଡ଼ମାଳ ନିକଟସ୍ଥ ଗନ୍ଧମାର୍ଦନ ଗୋଶାଳାରେ କର୍ମରତ ପ୍ରଭାକର ଗଡତିଆ ଏକ ଲିଖିତ ଅଭିଯୋଗ ଗୋରୁ ଚୋରି ବିଷୟରେ ଥାନାରେ ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୮୭/୨୪)ରୁଜୁ କରିଥିଲା। ପଦ୍ମପୁର ରାସ୍ତାରେ ୧୯ ଗୋରୁଙ୍କୁ ଘୋଡତାଇ ନେଉଥିବା ଅଭିଯୁକ୍ତ ତ୍ରିଲୋଚନ ବିନଟ (୪୦), ସହଦେବ ପୋଡ଼ (୨୬), ବେଣୁ ମେହେର(୨୯), ରାଜମୋହନ ସୁନା (୩୭)ଙ୍କୁ ପୋଲିସ ଧରିଥିଲା। ସମସ୍ତେ ପାଇକମାଳ ଥାନା ବାରଡୁଣ୍ଡା ଗ୍ରାମର। ପୋଲିସ ଅଭିଯୁକ୍ତ ଚାରି ଜଣଙ୍କୁ ପଦ୍ମପୁର କୋର୍ଟକୁ ମଙ୍ଗଳବାର ପଠାଇଥିବାବେଳେ ୧୯ ଗୋରୁଙ୍କୁ ପୁଣି ମାର୍ଗୁମାଲ ଗନ୍ଧମାର୍ଦନ ଗୋଶାଳାରେ ଛାଡିଛନ୍ତି । ପ୍ରକାଶ ଥାଉକି ଗତ ୩୦ ତାରିଖ ରାତ୍ରରେ ଗୋଟିଏ କେଣ୍ଟର ଗାଡି ନଂ. ୟୁପି୭୦ଡିଟି୦୬୯୩ କୁ ପାଇକମାଳ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଗୋରୁ ନେଉଥିବା ଜାଣି କେଣ୍ଟର ଗାଡି ସିଜ କରି ଉକ୍ତ ୧୯ଟି ଗୋରୁଙ୍କୁ ଉଦ୍ଧାର କରି ମାର୍ଗୁମାଲ ଗୋଶାଳାରେ ଛାଡି ଥିଲା।

# ନୃସିଂହନାଥ ପୀଠ ଛାତରୁ ପାଣି ଝରୁଛି

**ପଦ୍ମପୁର,୬।୮(ପ୍ରଦୀପ୍ତ ଦାଶ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ନୃସିଂହନାଥ ପୀଠରେ ଗତ ସରକାର ସମୟରେ ୫-ଟି ଯୋଜନାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନବିକରଣ କରାଯାଇଥିବାର ବାସ୍ତବଚିତ୍ର ଏବେ ପଦାରେ ପଡିଛି। ବିଜେଡି ସରକାର ସମୟରେ କିଭଳି ଦୁର୍ନୀତି କାମ ଚାଲିଥିଲା ତାହାର ଏହା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଭାଜପା ଯୁବନେତା ପ୍ରିତେଶ ବହିଦାର ଓ ରୋଶନ ପାଣିଗ୍ରାହୀ, ପିଣ୍ଟୁ ଭୋଇ ପ୍ରମୁଖ ନୃସିଂହନାଥ ପୀଠକୁ ଦର୍ଶନ ନିମନ୍ତେ ଯାଇଥିବାବେଳେ ଦେଖିବାକୁ ପାଇଥିଲେ ଯେ, ନୃସିଂହନାଥ ପୀଠର ଉନ୍ନତି ଓ ନବିକରଣ ନାମରେ ସରକାରୀ ଅର୍ଥ ହରିଲୁଟ ହୋଇ ନିମ୍ନମାନର କାମ ହୋଇଛି। ମନ୍ଦିରର ଯାତ୍ରୀ ବିଶ୍ରାମ ଗୃହକୁ ଭାଙ୍ଗି ୫-ଟି ନାମରେ ନୂତନ ଯାତ୍ରୀ ପ୍ରତିକ୍ଷାଳୟ, ଅଫିସ ଗୃହ ଇତ୍ୟାଦି ତିଆରି ହୋଇଛି। ହେଲେ ତାହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ପାଣି ଗଳୁଛି। ସାମାନ୍ୟ


ଭାଜପା ନେତା ପ୍ରୀତେଶ ବହିଦାରଙ୍କ ସହିତ ମନ୍ଦିର ନିର୍ବାହୀ ଅଧିକାରୀଙ୍କ ଆଲୋଚନା।

**ଭାଜପା ଯୁବନେତାଙ୍କ ତଦନ୍ତ ଦାବି**

ବର୍ଷା ଯୋଗୁ ଛାତରୁ ପାଣି ଗଳୁଛି ଯାହା ଅତ୍ୟନ୍ତ ଦୁଃଖଦ ଘଟଣା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସହ ଉକ୍ତ ନିମ୍ନମାନର କାମ ବିଷୟରେରେ କଥା ହୋଇ ଫେରିଛନ୍ତି। ନିମ୍ନମାନର କାମ ବିଷୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଜଣାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ବରଗଡ଼ ଜିଲାର ନୃସିଂହନାଥ ପୀଠରେ ୫-ଟି ଯୋଜନା ଦ୍ୱାରା ୪୦ କୋଟି ଟଙ୍କା ବିନିମୟରେ ତିଆରି ହୋଇଥିବା ଅଫିସ, ଯାତ୍ରୀ ନିବାସ, ପର୍ଯ୍ୟଟକ ବିଶ୍ରାମାଳୟ, ସୂଚନା କେନ୍ଦ୍ର ପ୍ରଭୃତି ନୂଆ ତିଆରି ହୋଇଥିବା ଛାତରୁ ପାଣି ଝରୁଛି। ଗତ ଫେବୃଆରୀରେ ତରବରିଆ ଭାବରେ ଉଦଘାଟନ କରାଯାଇଥିବା ଏହି ବିଲଡିଂ ଛାତରୁ ପାଣି ଗଳି ତଳେ ଥପଥପ ହୋଇ ପଡୁଛି। ଫଳରେ ଅଫିସ ହେଉକି ଯାତ୍ରୀ କାହାରି କାମରେ ଲାଗୁନାହିଁ। ଲୋକଙ୍କ ସୁବିଧା ସୁଯୋଗ ପାଇଁ ତତ୍କାଳିନ ସରକାର ୫-ଟି ଯୋଜନାରେ ୪୦ କୋଟି ଖର୍ଚ୍ଚ କରିଛନ୍ତି। ସ୍ଥାନୀୟ ଜନସାଧାରଣ ତଥା ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନ ଉକ୍ତ କାମକୁ ଦେଖି ତଦନ୍ତ ପାଇଁ ଦାବି କରୁଛନ୍ତି। ପାଇକମାଳ ଓ ପଦ୍ମପୁରର ସଚେତନ ନାଗରିକ ମହଲରେ ଉକ୍ତ ନୃସିଂହନାଥର କାମକୁ ନେଇ ମୁଖ୍ୟମନ୍ତ୍ରୀ ନିଜେ ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ଜନସାଧାରଣରେ ଦାବି ଉଠିଛି। ଯାହାକୁ ନେଇ ଯୁବନେତା ପ୍ରିତେଶ ବହିଦାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ଠାରେ ତଦନ୍ତ କରିବାକୁ ଦାବି ଜଣାଇବେ ବୋଲି ସୂଚନା ଦେଇଛନ୍ତି।

## ବିକାଶରେ ବିଶ୍ୱ ବାଣିଜ୍ୟ ଦିବସ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

**ବରଗଡ଼,୬।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ଡିଗ୍ରୀ କଲେଜ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଶ୍ୱ ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ଉପାଧ୍ୟକ୍ଷ ଆର.ଏସ୍.ଭି କ୍ରୀଷ୍ଣା, ଅଧ୍ୟାପିକା ସୋନୁ ପ୍ରଧାନ ପ୍ରମୁଖ ଅତିଥିଭବେ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ମିଶ୍ର ବିଶ୍ୱ ବାଣିଜ୍ୟ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅରବିନ୍ଦ ବଡ଼ପଣ୍ଡା ପ୍ରଥମ, ଆୟୁଷ ପ୍ରଧାନ ଦ୍ୱିତୀୟ ଏବଂ କରନ ମେହେର ଓ ସାହିଲ କୁମାର ନାୟକ ଯୁଗ୍ମ ତୃତୀୟ ହୋଇଥିଲେ। ଅଧ୍ୟାପିକା ସୋନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

**ବରଗଡ଼,୬।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଗତ କିଛିଦିନ ହେଲା ବର୍ଷା ଲାଗି ରହିଛି। ଲଗାଣ ବର୍ଷା ବର୍ତ୍ତମାନ ଖରିଫ ଫସଲ ପାଇଁ ଅନୁକୂଳ ହୋଇଛି। ଚାଷୀମାନେ ଜମି ହଳ କରିବାଠାରୁ ଆରମ୍ଭ କରି ଧାନ ପହ୍ଲାରୁଆରେ ଲାଗି ପଡ଼ିଛନ୍ତି। ଅନ୍ୟପଟେ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଦୋକାନ, ବଜାର ମାନ୍ଦା ପଡ଼ିଥିବାବେଳେ ବିଭିନ୍ନ ସ୍ଥାନରେ ଡ୍ରେନ ଏବଂ ରାସ୍ତା ଉପରେ ବହୁଥିବା ନର୍ଦ୍ଦମା ପାଣି ଘରଦ୍ୱାରକୁ ପଶୁଛି। ଏପରିକି ଡ୍ରେନେଜ ବ୍ୟବସ୍ଥା ଠିକ୍ ନଥିବା ଯୋଗୁ ବରଗଡ଼ ସରକାରୀ ବସଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇ ପଡୁଛି। ଫଳରେ ଯାତ୍ରୀମାନଙ୍କୁ ମଧ୍ୟ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି।

ଜିଲାରେ ଗତ ୧ତାରିଖରେ ୧୫୪.୮, ୨ତାରିଖ ୧୨୨.୫, ୩ତାରିଖ ୮୨.୬, ୪ତାରିଖ ୯୫.୮, ୫ତାରିଖ ୧୭୫.୮ ଏବଂ ୬ତାରିଖ ୧୭୦ମି.ମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଗତବର୍ଷଠାରୁ ଏଥର ବିଳମ୍ବରେ ବର୍ଷା ହୋଇଛି । ବର୍ଷା ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି। ଲଗାଣ ବର୍ଷା ଯୋଗୁ ଦୋକାନ, ବଜାର ମଧ୍ୟ ଖାଁ ଖାଁ ହୋଇ ବ୍ୟବସାୟୀଙ୍କ ଦୁଃଖ ବଢ଼ାଇ ଦେଇଛି। ବର୍ଷା ଏଭଳି ଲାଗି ରହିଛି ଯେ, ବିନା ଛତା ଏବଂ ରେନି କୋଟ୍‌ରେ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି। ତେବେ ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନାହିଁ। ଫଳରେ ଲଗାଣ ବର୍ଷା ହେଲେ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛି। କେବଳ ଘରଦ୍ୱାର ନୁହେଁ, ବରଗଡ଼ ସରକାରୀ ବସଷ୍ଟାଣ୍ଡ, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଅନେକ ସରକାରୀ ଅନୁଷ୍ଠାନରେ ନର୍ଦ୍ଦମା ପାଣି ଲହଡ଼ି ମାରୁଛି। ତେବେ ପ୍ରତିବର୍ଷ ଏଭଳି ସମସ୍ୟା ଲାଗି ରହିଥିବାବେଳେ ତାର ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବା ଯୋଗୁ ଏହା ସରକାରୀ କଳର ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ସାଧାରଣରେ ଆଲୋଚିତ ହେଉଛି।


ଲଗାଣ ବର୍ଷା ଯୋଗୁ ଛତାଧରି ରାସ୍ତାରେ ଯାଉଛନ୍ତି।



ଲିଟିଲ ଏଞ୍ଜେଲସ୍ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଉତ୍ସବରେ ଅତିଥି କେକ୍ କାଟୁଛନ୍ତି।

# ଲିଟିଲ ଏଞ୍ଜୀଲସ୍ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଉତ୍ସବ

**ବରପାଲି, ୬।୮( ଚିତ୍ତରଞ୍ଜନ ସାହୁ)**

ସ୍ଥାନୀୟ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ୨୪ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଜେପୁର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍କୁଲର ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଢୁଙ୍ଗୁରିପାଲି ଅଧକ୍ଷ ଶିଶୁପାଳ କଲେତ,ଉପାଧକ୍ଷ ସୁଶିଳ କୁମାର ରଥ ଓ ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ମଞ୍ଚାସୀନ ଥିଲେ। ସ୍କୁଲ ଛାତ୍ର ପରିଷଦର ପ୍ରିଫେକ୍ଟ ପ୍ରିୟାଂଶୁରାଜ ମିଶ୍ର ସ୍ୱାଗତ ଜଣାଇବା ପରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଅଧକ୍ଷା ମଧୁସ୍ମିତା ମୁଣ୍ଡ ତାଙ୍କ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ଶ୍ରଦ୍ଧା ସୁମନ ଦୀପ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସୁଶ୍ରୀ ଆଦି ଶ୍ରୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଅଭିନନ୍ଦନ ଉତ୍ସବରେ ଗତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ହୋଇଥିବା ଅନିକେତ ମୁଣ୍ଡ ଓ ଅଙ୍କିତ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ୯୦ପ୍ରତିଶତରୁ ତଦୂର୍ଦ୍ଧ ନମ୍ବର ରଖିଥିବା ଓପାଲି ଅପରାଜିତା ନାଗ,ସାହିଲ କୁମାର ଦାଶ, ଆଶିଷ ମଟାରୀ, ଶିବମ କୁମାର,ସବ୍ୟସାଚୀ ନାୟକ, ବବିତା ପଧାନ, ପୁରୁଷୋତ୍ତମ ପଧାନ, ଅନ୍ୱେଷ ସାହୁ ଓ ଶୁଭଙ୍କର ସାହୁଙ୍କୁ ସମ୍ମାନିତ କରିଥିଲେ। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପ୍ରଥମ ହୋଇଥିବା ନିବେଦିତା ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗତ ଶିକ୍ଷାବର୍ଷରେ ସ୍କୁଲରୁ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ତୃତୀୟ ଶ୍ରେଣୀର ଛାତ୍ର ରାଜବୀର ଅଗ୍ରୱାଲ, ପଞ୍ଚମ ଶ୍ରେଣୀର ବ୍ୟୋମକେଶ ପଧାନ ଓ ସପ୍ତମ ଶ୍ରେଣୀର ରେଶମା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ଅତିଥିଗଣଙ୍କୁ ସ୍ମାରକ ଉପହାର ପ୍ରଦାନ କରିଥିଲେ। ଶ୍ରଦ୍ଧା ମିଶ୍ରଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ କ୍ଳବଗୁଡିକୁ ନେଇ ଏକ ଜ୍ଞାନଭିତ୍ତିକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ କଳା, ଇକୋ , ବିଜ୍ଞାନ.ଗଣିତ, କୁଇଜ ଆଦି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ହେବା ସହ ୟୁନିଫାଏଡ ଚାମ୍ପିୟନ ସ୍କୁଲ ଓ ଦିବ୍ୟାଙ୍ଗମାନଙ୍କ ମିଳିତ ଉଦ୍ୟମରେ ନେକ୍ସଟ ଟୁ ଅର୍ଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବେଶ ପ୍ରଶଂସିତ ହୋଇଥିଲା । ବିଚାରକ ଭାବେ କନ୍ଦର୍ପ ପୁଜାହାରୀ ଓ ସୁମନା ଦାଶ ଯୋଗ ଦେଇ ପ୍ରଦର୍ଶନୀଗୁଡ଼ିକୁ ବୁଲି ଦେଖିଥିଲେ।

## ଅଙ୍ଗନଦୀରେ ଭାସିଯାଉଥିବା ୨ ଛାତ୍ର ଉଦ୍ଧାର

**ସାହସିକତାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ସରପଞ୍ଚ**

**ପଦ୍ମପୁର, ୬।୮(ପ୍ରଦୀପ୍ତ ଦାଶ )**


ସ୍ୱସ୍ତିକ ବରିହା ଓ ଯୋଗେଶ ସାହୁ।

ବରଗଡ ଜିଲା ପଦ୍ମପୁର ନିକଟସ୍ଥ ମହୁଲପାଲି ଅଙ୍ଗ ନଦୀରେ ଦୁଇ ଛାତ୍ର ଗାଧୋଇବା ସମୟରେ ମଝି ପାଣି ସ୍ରୋତରେ ଭାସି ଯାଉଥିଲେ। ଏହା ଦେଖି ଅନ୍ୟ ଦୁଇ ଛାତ୍ର ନିଜ ଜୀବନକୁ ବାଜି ଲଗାଇ ନଦୀକୁ ଡେଇଁ ପଡି ତାଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇଛନ୍ତି। ରବିବାର ସ୍କୁଲ ଛୁଟି ଥିବାରୁ ମହୁଲପାଲି ଗ୍ରାମର ସୁରଜ ବାଗ(୧୪) ଓ ସୁଶାନ୍ତ ଭଏଁସାଲ (୧୫) ଦୁଇଜଣ ଗାଁ ଅଙ୍ଗନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ମଝି ନଈରେ ସୁରଜ ଭାସି ଯାଉଥିବାଦେଖି ସୁଶାନ୍ତ ବଞ୍ଚାଇବାକୁ ଯାଇ ନିଜେ ମଧ ଭାସି ଯାଉଥିଲା। ଏହି ସମୟରେ ଦୁଇ ଜଣଜଣ ଛାତ୍ର ସୋମ ସ୍ୱସ୍ତିକ ବରିହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଶମ ଶ୍ରେଣୀର ଛାତ୍ର ଓ ଯୋଗେଶ କୁମାର ସାହୁ ଜିଷ୍ଟ ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ର ଗାଧୋଇବାକୁ ଯାଇଥିବା ବେଳେ ଦୁଇ ଜଣ ଭାସି ଯାଉଥିବା ଦେଖିଲେ ଏବଂ ନଦୀକୁ ଡିଆଁମାରି ମଝି ନଦୀରୁ ୧୦୦ମିଟର ପର୍ଯ୍ୟନ୍ତ ସଂଘର୍ଷ କରି ଦୁଇ ବାଳକକୁ ଜୀବନ୍ତ ଉଦ୍ଧାର କରିଛନ୍ତି। ଏହି ଖବର ପ୍ରଚାର ହେବା ପରେ ସୋମ ଓ ଯୋଗେଶଙ୍କ ପାଇଁ ବିଭିନ୍ନ ସ୍କୁଲ ଅନୁଷ୍ଠାନ ଓ ବୁଦ୍ଧିଜୀବିମହଲରୁ ପ୍ରଶଂସାର ସୁଅ ଛୁଟୁଛି। ମହୁଲପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ପଙ୍କଜିନୀ ବେହେରା ଉଭୟ ଛାତ୍ରଙ୍କ ସାହସକୁ ପ୍ରଶଂସା କରିବା ସହ ସାହସିକତା ସମ୍ମାନ ପ୍ରଦାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ




**ପାଇକମାଳ, ୬।୮(ବଡ ଶତପଥି)**

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ କେର୍ମେଲାବାହାଲ, ପଳସଦା, ଭେଙ୍ଗରାଜପୁର, କେଛୋଦାଦର ଗ୍ରାମପଞ୍ଚାୟତମାନଙ୍କର ବିଭିନ୍ନ ଗ୍ରାମରେ କ୍ରାଏ ଓ ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ,ଏଏନଏମ, ସିଏଚଓ, ଏବଂ ପଲ୍ଲୀ ଆଲୋକ ପାଠାଗାର ସ୍ୱେଚ୍ଛାସେବୀ ରଞ୍ଜନ ପାଣ୍ଡେ, ପ୍ରଶାନ୍ତ ଥପା, ଜିଳିମା ପ୍ରଧାନ ଯୋଗଦେଇଥିଲେ। ସ୍ତନ୍ୟପାନ ଶିଶୁ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶିଶୁ ଜନ୍ମ ହେବାର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରାଯିବା ଉଚିତ। ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଏବଂ ୬ ମାସ ପରେ ଶିଶୁର ଖାଦ୍ୟ ସାଙ୍ଗରେ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରିବା ଦ୍ୱାରା ଶିଶୁର ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ହେବା ସାଙ୍ଗରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ମା' କ୍ଷୀର ସ୍ତନ୍ୟପାନ ନ କରିବା ଦ୍ୱାରା ମା ଓ ଶିଶୁର ଅନେକକୁ ପ୍ରଭାବ ପରିଲକ୍ଷିତ ହୋଇଥାଏ। କଷ କ୍ଷୀରର ଉପାଦେୟତା ଉପରେ ସ୍ୱେଚ୍ଛାସେବୀମାନେ ଗାଁ ଗାଁ ଯାଇ ସଚେତନ କରାଇଥିଲେ ।

# ୧୦ରୁ ସାମୁହିକ ଔଷଧ ସେବନ

**ବରଗଡ଼,୬।୮(ପ୍ରେମାନନ୍ଦ ଖମାରୀ)**

ଫାଇଲେରିଆ ନିରାକରଣ ପାଇଁ ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ସହନିର୍ଦ୍ଦେଶକ ଡା. ଶୁଭାଶିଷ ମହାନ୍ତି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାଧୁଚରଣ ଦାଶଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୦ତାରିଖରୁ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ରହିଛି ଏବଂ ଏହା ଚଳିତମାସ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ।



ସଚେତନତା ବୈଠକରେ ମଞ୍ଚାସୀନ ସ୍ୱାସ୍ଥ୍ୟ ଅଧିକାରୀବୃନ୍ଦ।

# ସାଧାରଣଜ୍ଞାନ ପ୍ରତିଯୋଗିତାରେ ୯୪ ପ୍ରତିଯୋଗୀ

**ବରଗଡ଼,୬।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନୂଆଁଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କନ୍ହେଇବିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ମୋଟ୍ ୯୪ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନୂଆଁଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରଦେଶୀ ବୁଦ୍ଧିଆ, କନ୍ହେଇବିରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ କେଦାର ସାହୁ, ନିମାଇଁ ଚରଣ ପତି ପ୍ରମୁଖ ସାଧାରଣଜ୍ଞାନ ପ୍ରତିଯୋଗିତା ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜନକଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ମୁକୁନ୍ଦ ଦାଶ, ଆଜୀବନ ସଦସ୍ୟ ଦୟାନିଧି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଜାନନ ବେହେରା, ଆନନ୍ଦ ସାହୁ, ଜ୍ଜୁଲି ସରାଫ, ଗିରିଧାରୀ ଯୋଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୫ତାରିଖ ସ୍ୱାଧୀନତା ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ଜନକଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଦାଶ ସୂଚନା ଦେଇଛନ୍ତି।


ଆୟୋଜକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

# ପଦ୍ମପୁର ସହରରେ ମାଡ଼ିଗଲେଣି ବାଂଲାଦେଶୀ

**ଶ୍ରମିକ ନାମରେ ରହୁଛନ୍ତି**

- ପୋଲିସ ପାଖରେ ରହୁନି ତଥ୍ୟ
- ଅପରାଧିକ କାର୍ଯ୍ୟକଳାପ ଆଶଙ୍କା

**ପଦ୍ମପୁର, ୬।୮(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଏବେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଛି। ବିଭିନ୍ନ ବ୍ୟବସାୟ ସାଙ୍ଗକୁ ରଙ୍ଗ କାମ, ମିସ୍ତ୍ରୀ କାମ ଆଳରେ ସହରକୁ ରାଜ୍ୟ ବାହାର ଅଣଓଡ଼ିଆ ଆସି କାୟାବିସ୍ତାର କରିବାରେ ଲାଗିଥିବା ଦେଖାଯାଉଛି। ଅଞ୍ଚଳରେ ହଜାର ହଜାର ଶ୍ରମିକ ଅନ୍ୟ ରାଜ୍ୟକୁ ଯାଉଥିବା ବେଳେ ପଦ୍ମପୁର ତଥା ଆଖପାଖ ଅଞ୍ଚଳରେ ଏହି ଅଣଓଡିଆଙ୍କ କାୟାବିସ୍ତାର ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧିର ଯଥେଷ୍ଟ ସମ୍ଭାବନା ରହିବା ସହିତ ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତିକୁ ଆମନ୍ତ୍ରଣ କରୁଥିବା ନେଇ ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି। ସହରରେ ଅନେକ ମାତ୍ରାରେ ଅଣଓଡ଼ିଆ ଶ୍ରମିକ ରହୁଥିଲେ ମଧ ପୋଲିସ ନିକଟରେ ସେମାନଙ୍କ ପରିଚୟ ସମ୍ପର୍କିତ ସୂଚନା ନାହିଁ। ଏହି ଅଣଓଡିଆ ଶ୍ରମିକମାନେ ଦଳଦଳ ହୋଇ ବିଭିନ୍ନ ଅଞ୍ଚଳରେ ଭଡାରେ କିମ୍ବା ନିର୍ମାଣାଧିନ କୋଠା ଘରେ ରହି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଆହୁରି କେତେକ ବେଲୁନ ବାଲା, ପ୍ଲାଷ୍ଟିକ ଚୌକି, ଡ୍ରମ ପଲିଥିନ ଜରି ଆଦି ବିକ୍ରୀ ବାହାନାରେ ଏଠି ଆସି ରହିଯାଉଛନ୍ତି। ଏପରିକି ଯେଉଁ ଘର ଏମାନେ ନିର୍ମାଣ କାର୍ଯ୍ୟ କରୁଛନ୍ତି ସେହି ଘର ମାଲିକ ଠାରେ ମଧ ସେମାନଙ୍କ ନାମ/ଠିକଣା ରହୁନାହିଁ। ତେଣୁ ପ୍ରଶାସନ ତ୍ୱରିତ କାର୍ଯାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

**ଏମାନେ କୁହନ୍ତି...**

**ପୋଲିସ, ପ୍ରଶାସନ, ଶ୍ରମ ବିଭାଗର କଡାକଡି ଯାଞ୍ଚ ଦରକାର**



"ବାହାର ରାଜ୍ୟର ଲୋକ ଏଠାକୁ କାହିଁକି ଆସୁଛନ୍ତି ସେ ଉପରେ ପୋଲିସ ପ୍ରଶାସନ ଓ ଶ୍ରମ ବିଭାଗର ଯାଞ୍ଚ ଦରକାର। ସ୍ଥାନୀୟ କିଛି ମଧ୍ୟସ୍ଥିଙ୍କ ସହାୟତାରେ ଅଣଓଡ଼ିଆ ଆସି ଏଠାରେ ଆଧାର କାର୍ଡ, ଭୋଟର କାର୍ଡ ତିଆରି କରୁଛନ୍ତି। ଏ ଉପରେ ଅନେକ ସମୟରେ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଏହା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା କଥା ।

–ଚିନ୍ମୟ ପଣ୍ଡା, ଆଇନଜୀବୀ ତଥା କାଉନସିଲର

**ଡାଟାବେଶ ପ୍ରସ୍ତୁତ କରାଯାଉ**



"ପଦ୍ମପୁର ଅଞ୍ଚଳରେ ଅନେକ ଅଣଓଡ଼ିଆ ରହିଗଲେଣି। ଯାହାକି ଏକ ଉଦ୍‌ବେଗର ବିଷୟ। ଏ ସମ୍ପର୍କରେ ପୋଲିସ ଓ ପ୍ରଶାସନ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବା ସହିତ ସେମାନଙ୍କ ଦସ୍ତାବିଜ ତନଖି କରାଯାଉ। ନଚେତ ଭବିଷ୍ୟତରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ।

–ଅଜିତ କୁମାର ଶତପଥୀ, ସମ୍ପାଦକ, ପଦ୍ମପୁର ନାଗରିକ କମିଟି

## ସଂକ୍ଷେପରେ

### ସିଆଇଏସ୍ଏଫ୍ କନଷ୍ଟେବଲଙ୍କ ସ୍ତ୍ରୀଙ୍କୁ ଗାଳି, ମାମଲା ରୁଜୁ

ରାଉରକେଲା,୬।୮ (ସଙ୍ଗୀତା ଜେନା): ଉଦିତନଗର ଥାନା ଅନ୍ତର୍ଗତ ସିଂହ ବିଲ୍ଡିଂ ଅଞ୍ଚଳରେ ରହୁଥିବା ଜଣେ ସିଆଇଏସ୍ଏଫ୍ କନଷ୍ଟେବଲଙ୍କ ପତ୍ନୀଙ୍କୁ ତାଙ୍କ ପଡୋଶୀ ମହିଳା, ମହିଳାଙ୍କ ସ୍ୱାମୀ ଓ ପରିବାର ଲୋକେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ପୀଡ଼ିତା ମହିଳା ଉଦିତନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୯୧/୨୪) ରୁଜୁ କରିଛି। ପୀଡ଼ିତା ମହିଳା ଅଭିଯୋଗ କରିଛନ୍ତି, ତାଙ୍କ ସ୍ୱାମୀ ଜମ୍ମୁ ଓ କଶ୍ମୀରରେ କାର୍ଯ୍ୟରତ ଅଛନ୍ତି। ସେ ତାଙ୍କ ପୁଅ ଓ ଝିଅ ସହ ଉଦିତନଗର ଅଞ୍ଚଳରେ ରହୁଛନ୍ତି। କୌଣସି କାରଣ ନ ଥାଇ ପଡୋଶୀ ପରିବାରର ସଦସ୍ୟ ତାଙ୍କୁ ଗାଳିଗୁଲଜ କରିବାରୁ ତାଙ୍କ ସମ୍ମାନ ହାନି ହୋଇଛି ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି।

### ଭାରତଛାଡ଼ ଆନ୍ଦୋଳନରେ ଗାନ୍ଧିଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା

**ସଂସ୍କୃତ ମହାବିଦ୍ୟାଳୟରେ ୩୭ତମ ଇ-ପାଠଚକ୍ର**

ରାଉରକେଲା,୬।୮ (ଦିନେଶ ମିଶ୍ର): ବେଦବ୍ୟାସ ସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ୩୭ତମ ଇ-ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ହୃଷୀକେଶ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏହି ପାଠଚକ୍ର ଆୟୋଜିତ ହୋଇଥିଲା। ଏଥିରେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତଛାଡ ଆନ୍ଦୋଳନରେ ମହାତ୍ମାଗାନ୍ଧୀଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଅହିଂସା ଆନ୍ଦୋଳନ ଯୋଗୁ କିଭଳି ମୋହନ ଦାସ କରମଚାନ୍ଦ ଗାନ୍ଧୀରୁ ମହାତ୍ମାଗାନ୍ଧୀ ହୋଇଥିଲେ ତାହା ଉପରେ ଡକ୍ଟର ପଣ୍ଡା ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଆରମ୍ଭରେ ବୈଷ୍ଣବୀ ଓ ମହେଶ୍ୱର ସାହୁ ଓ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ପରେ ଅଶ୍ଳେଷା ଅଭିଲିପ୍ସା ପଣ୍ଡା ବିବେକବାଣୀ ପାଠ କରିଥିଲେ। ସଭାରେ କବି ରାଜୀବ ପାଣି, ଚିତ୍ତରଞ୍ଜନ ନାୟକ, ଶିକ୍ଷାବିତ୍ ନୃସିଂହ ନାଥ, ଶଙ୍କର୍ଷଣ ତ୍ରିପାଠୀ, ନମିତା ଦନ୍ତା ପ୍ରମୁଖ ଭାରତଛାଡ ଆନ୍ଦୋଳନ ଉପରେ ନିଜସ୍ୱ ମତ ପ୍ରଦାନ କରିଥିଲେ। ଶିକ୍ଷାବିତ ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସୁନ୍ଦରଗଡ ଜିଲା ଶାଖାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଆଖଣ୍ଡଳମଣି ପୀଠରେ ମହାରୁଦ୍ରାଭିଷେକ

ରାଉରକେଲା,୬।୮ (ଦିନେଶ ମିଶ୍ର): ସେକ୍ଟର-୧୯ ସ୍ଥିତ ରାମଗଡ ବସ୍ତିରେ ଥିବା ଆଖଣ୍ଡଳମଣି ପୀଠରେ ଜଗତ କଲ୍ୟାଣ ପାଇଁ ସୋମବାର ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସ ତୃତୀୟ ସୋମବାର ମହାରୁଦ୍ରାଭିଷେକ କଲେ ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। କାର୍ଯ୍ୟକ୍ରମରେ ପୁରୀର ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା, ବାବା ଆଖଣ୍ଡଳମଣି ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ବିରଞ୍ଚି ନାରାୟଣ ପଣ୍ଡା ରୁଦ୍ରାଭିଷେକ କରିଥିଲେ। କୃଷ୍ଣଚନ୍ଦ୍ର ଘୋଷ ଓ ପ୍ରଜ୍ଞାରାଣୀ ଘୋଷ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ସମ୍ପାଦକ ଅନୀଲ ଗୁପ୍ତା, ହରି ସାହୁ, ବାସୁଦେବ ସ୍ୱାଇଁ, ଅନୀଲ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

# ବିବିଧ ସମସ୍ୟା, ସମାଧାନ ନାହିଁ

ରାଉରକେଲା,୬।୮ (ବିପ୍ଳବ ରଞ୍ଜନ ଦାଶ)


ନିଜ ପାଇଖାନା ସମ୍ମୁଖରେ ଜଣେ ବୃଦ୍ଧା ହିତାଧିକାରୀ।


ସଙ୍କୀର୍ଣ୍ଣ ନଦୀଘାଟ ରାସ୍ତା।

**ପ୍ରଧାନପାଲି ଓ ବନ୍ଧପୋଷ ଅଞ୍ଚଳ**
- ପାଇଖାନା ନିର୍ମାଣ ପ୍ରାପ୍ୟ ମିଳୁନି
- ହେଉନି ରାସ୍ତାଘାଟ ଉନ୍ନତୀକରଣ

ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇବାର ଦୀର୍ଘବର୍ଷ ପରେ ମଧ୍ୟ ଆର୍ଏମ୍ସି ଅଧୀନ ବିଭିନ୍ନ ୱାର୍ଡ ଓ ବସ୍ତିରେ ଏପର୍ଯ୍ୟନ୍ତ ସ୍ମାର୍ଟସିଟିର ଛାପ ପଡିପାରିନାହିଁ। ଫଳରେ ସହରର ପ୍ରଧାନପାଲି, ବନ୍ଧପୋଷ, ଖାଡିଆ ବସ୍ତି, ଟିସ୍କୋ ବସ୍ତି ଏବଂ ବାଙ୍କିଆ ବସ୍ତି ଭଳି ଅନେକ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିନାହିଁ।

ଉକ୍ତ ୪ଟି ଅଞ୍ଚଳରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ରୁହନ୍ତି। ଏଠାରେ ବନ୍ଧପୋଷ ଜଗନ୍ନାଥ ମନ୍ଦିରରୁ-କୋଏଲ ନଦୀ ସ୍ନାନ ଘାଟ ପର୍ଯ୍ୟନ୍ତ ମାତ୍ର ୫ଶହ ମିଟର ରାସ୍ତା ନିର୍ମାଣ କାମ ହେଉନି। ଏ ନେଇ ଅଞ୍ଚଳର ବରିଷ୍ଠ ନାଗରିକମାନେ ଅତିରିକ୍ତ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି। ସେହିପରି ଅଞ୍ଚଳର ମମତା ସା, ଅରୋଲିଆ ଓରାମ, ନଜମୁନ ନିଜା, ଗୌରାଙ୍ଗ ଦାସ, ଗାଙ୍ଗି କିସାନ, ତୁଳା ସା, ସୁରମା ଲାକ୍ରା, ଭାରତୀ ମାଝୀ, ଝିଙ୍କି ଓରାମ ଓ ଉର୍ବଶୀ ତନ୍ତୀ ପ୍ରମୁଖ ୨୧ଜଣ ହିତାଧିକାରୀଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷରେ ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଦେଢବର୍ଷ ହେଲା ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏଯାଏ ଆର୍ଏମ୍ସି ପକ୍ଷରୁ ହିତାଧିକାରୀଙ୍କୁ ବିଲ୍ ମିଳୁନାହିଁ। ଏଥିସହ ପ୍ରଧାନପାଲିରୁ ଜିଏଲ ଚର୍ଚ୍ଚ ରାସ୍ତା ମଧ୍ୟ ଉନ୍ନତୀକରଣ ହେଉନାହିଁ। ଅନ୍ୟପଟେ ସହରସାରା ମୋ ବସ ସୁବିଧା ଉପଲବ୍ଧ ଥିବାବେଳେ ଏହି ଅଞ୍ଚଳ ପର୍ଯ୍ୟନ୍ତ ସେହି ସୁବିଧା ଅପହଞ୍ଚ ରହିଛି। ଏସବୁ ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନ ହେଲେ ଆଗକୁ ଅଞ୍ଚଳବାସୀ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ବନ୍ଧପୋଷ, ପ୍ରଧାନପାଲି, ଟିସ୍କୋ ଓ ବାଙ୍କିଆ ବସ୍ତିର ମୁଖ୍ୟ ସମସ୍ୟା ନଦୀଘାଟ ରାସ୍ତା ସହିତ ଅନ୍ୟ ରାସ୍ତାର ଉନ୍ନତୀକରଣ ଲାଗି ବର୍ଷା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ୨୧ଜଣ ହିତାଧିକାରୀଙ୍କ ସମସ୍ୟା ବିଷୟରେ ମୁଁ ଅବଗତ ନ ଥିଲି। ଉକ୍ତ ହିତାଧିକାରୀ କିଭଳି ସରକାରୀ ଅନୁଦାନ ରାଶି ପାଇବେ ସେ ନେଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ନିର୍ମାଣ କାର୍ଯ୍ୟର ସର୍ବେକ୍ଷଣ କରାଯିବ ବୋଲି ସେ କହିଥିଲେ।

# ପାଉଡର ମେଟାଲର୍ଜି ଆଣ୍ଡ ସ୍ମାର୍ଟ ମ୍ୟାଟେରିଆଲ କର୍ମଶାଳା

ରାଉରକେଲା,୬।୮ (ଦିନେଶ ମିଶ୍ର)

ଇନ୍ଷ୍ଟିଚ୍ୟୁସନ୍ ଅଫ ଇଞ୍ଜିନିୟର୍ସ (ଭାରତ) ରାଉରକେଲାର ସ୍ଥାନୀୟ କେନ୍ଦ୍ରଠାରେ ପାଉଡର ମେଟାଲର୍ଜି ଆଣ୍ଡ ସ୍ମାର୍ଟ ମ୍ୟାଟେରିଆଲ ଥିମ ଉପରେ ସର୍ବଭାରତୀୟ ଏକଦିନିଆ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲାର ବିଭାଗୀୟ ପ୍ରଫେସର ଡକ୍ଟର ଦେବାଶିଷ ଚାଏରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଇଞ୍ଜିନିୟର ସନ୍ତୋଷ କୁମାର ପୋଲାକି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଯୋଜକ ଡକ୍ଟର ସ୍ୱାଧୀନ ପଟେଲ କର୍ମଶାଳାର ଆଭିମୁଖ୍ୟ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। କର୍ମଶାଳାର ପ୍ରଥମ ଅଧିବେଶନରେ ୩୪ଜଣ ସଦସ୍ୟ ଉପସ୍ଥିତ ରହି ପାଉଡର ମେଟାଲର୍ଜି ଏଣ୍ଡ ସ୍ମାର୍ଟ ମ୍ୟାଟେରିଆଲ ଥିମ୍ ଉପରେ ଅବଗତ ହୋଇଥିଲେ। ଦ୍ୱିତୀୟ ଅଧିବେଶନରେ ସମୁଦାୟ ୬ଟି ଅନୁସନ୍ଧାନ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା। ଏହା ବ୍ୟତୀତ ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନ ଓ ଶିଳ୍ପାଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ୩ଟି ମୁଖ୍ୟ ବକ୍ତବ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା। ପରେ ପୋଷ୍ଟର ଅଧିବେଶନ, ବିଭିନ୍ନ ଥିମ୍ ସହିତ ଜଡିତ ପୋଷ୍ଟର ଗୁଡିକ ଇଞ୍ଜିନିୟରିଂ ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶିତ ପୋଷ୍ଟର ଗୁଡିକୁ ବିଶେଷଜ୍ଞମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ବୈଷୟିକ ଅଧିବେଶନ ଗୁଡିକ ସମ୍ପୃକ୍ତ କ୍ଷେତ୍ରର ବିଶିଷ୍ଟ ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଅଧିବେଶନରେ ପାଉଡର ମେଟାଲର୍ଜି ଆଣ୍ଡ ସ୍ମାର୍ଟ ମ୍ୟାଟେରିଆଲର ବିଭିନ୍ନ ଉପଥିମ୍‌ର ଆଲୋଚନାରୁ ଅନେକ ସୁପାରିଶ ଓ ପରାମର୍ଶ ପ୍ରଦାନ କରାଯାଇଥିଲା। କର୍ମଶାଳା ଆୟୋଜକ ସଚିବ ଡକ୍ଟର ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପ୍ରଦୀପ ଜାଳି କର୍ମଶାଳାକୁ ଉଦ୍‌ଘାଟନ କରୁଛନ୍ତି।


ଉଦିତନଗରରେ କାରିଗର ଗଣେଶ ମୂର୍ତ୍ତି ନିର୍ମାଣ କରୁଛନ୍ତି।

# ଆଗକୁ ଗଣେଶ ପୂଜା, ଆରମ୍ଭ ହେଲାଣି ମୂର୍ତ୍ତି ନିର୍ମାଣ

ରାଉରକେଲା,୬।୮ (ବିପ୍ଳବ ରଞ୍ଜନ ଦାଶ)

ପୂଜାପାର୍ବଣ ପାଇଁ ରାଉରକେଲା ସହରରେ ଆରମ୍ଭ ହେଲାଣି ମୂର୍ତ୍ତି ତିଆରି। ମୂର୍ତ୍ତିକାରମାନେ ମୂର୍ତ୍ତିକୁ ରୂପ ଦେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଗଣେଷ ଏବଂ ବିଶ୍ୱକର୍ମା ମେଢ ମଣ୍ଡପରେ ନଟରାଜ ଗଣେଷ, କ୍ଲାସିକାଲ ଗଣେଷ, ବାଳଗଣେଷ ଓ ମୋଡେର୍ଣ୍ଣ ଗଣେଷ ସହ ବିଭିନ୍ନ ଚିତ୍ରାକୃତୀ ବିଶ୍ୱକର୍ମା ଏବଂ ଖୁଦୁରକୁଣୀ ମୂର୍ତ୍ତି ସ୍ଥାପନ ପାଇଁ ବିଭିନ୍ନ ଅନୁଷ୍ଠାନରୁ ଅଗ୍ରୀମ ରାଶି ମିଳିସାରିଥିବା ମୂର୍ତ୍ତିକାରୀଗରମାନେ କହିଛନ୍ତି। ୧୪ଫୁଟ ଉଚ୍ଚତା ବିଶିଷ୍ଟ ଗଣେଷ ଓ ବିଶ୍ୱକର୍ମା ମୂର୍ତ୍ତି ପୂଜା ମଣ୍ଡପରେ ଶୋଭା ପାଇବ। ପ୍ରଶାସନ ନିର୍ଦ୍ଦେଶ କ୍ରମେ ମୂର୍ତ୍ତିରେ ରାସାୟନିକ ଦ୍ରବଣ ମୁକ୍ତ ପ୍ରଲେପ ବିହୀନ ରହିବ। ଉଦିତ ନଗରର ବରିଷ୍ଠ ମୂର୍ତ୍ତିକାର ବାବୁଲି ସାହୁ (୬୫) ୪୦ଜଣ କାରୀଗରଙ୍କୁ ଧରି ୪ଶହ ଗଣେଷ ମୂର୍ତ୍ତି ଏବଂ ୩ଶହରୁ ଊର୍ଦ୍ଧ୍ୱ ବିଶ୍ୱକର୍ମା ଓ ଖୁଦୁରୁକୁଣି ମୂର୍ତ୍ତି ତିଆରି କରୁଛନ୍ତି। ଏଥିସହ ଚଳିତ ବର୍ଷ ତାଙ୍କ ଆଖଡାରୁ ଝାରସୁଗୁଡା, ବୀରମିତ୍ରପୁର ସହିତ ସହର ସବୁ ଅଞ୍ଚଳକୁ ମୂର୍ତ୍ତି ଯିବ ବୋଲି ସେ କହିଛନ୍ତି। ରାଉରକେଲା ସେକ୍ଟର-୨ ସ୍ଥିତ ଝୁପୁଡି ମାର୍କେଟର ବାପି ବିନ୍ଧାଣୀ (୪୯) ୧୦୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ନିର୍ମାଣ କରି ସାରିଛନ୍ତି। ଶ୍ରୀକାନ୍ତ ବିଶ୍ୱାଳ ୨ଶହରୁ ଊର୍ଦ୍ଧ୍ୱ ମୂର୍ତ୍ତି ତିଆରି କରି ସାରିଥିବା ଦେଖିବାକୁ ମିଳିଛି।

# ଟ୍ରେନ୍‌ରେ ଚୋରି ସୁନା ରାଉରକେଲାରେ ବିକ୍ରି, ପୋଲିସ ତଦନ୍ତ ଜାରି

ରାଉରକେଲା, ୬।୮ (ସଙ୍ଗୀତା ଜେନା)

କିଛିଦିନ ତଳେ ଝାଡ଼ଖଣ୍ଡ ଚକ୍ରଧରପୁରର ଏକ ଟ୍ରେନର ଏସି ବଗିରେ ଜଣେ ମହିଳାଙ୍କ ବ୍ୟାଗ୍ ଚୋରି ହୋଇଥିଲା। ସେଥିରେ ୧୩ଗ୍ରାମର ସୁନା କାନଫୁଲ ଓ ମୋବାଇଲ ଆଦି ଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୦/୨୪) ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ତଦନ୍ତରେ ଅଭିଯୁକ୍ତ ଚୋରି ସୁନା ରାଉରକେଲାରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଏ ନେଇ ମଙ୍ଗଳବାର ଅପରାହ୍ନରେ ଚକ୍ରଧରପୁର ରେଳ ଥାନା ପୋଲିସ ଅଧିକାରୀ ଏମ୍‌ଡ଼ି ସୁହେଲ ଖାନ୍‌ଙ୍କ ନେତୃତ୍ୱରେ ଟିମ୍ ଓ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ମିଳିତ ଭାବେ ରାଉରକେଲା ଓଲ୍ଡ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଥିବା ଏକ ସୁନାଦୋକାନରେ ଅଭିଯୁକ୍ତ ସୁନା ବିକ୍ରି କରିଥିବା ଚିହ୍ନଟ କରିଥିଲେ। ଉକ୍ତ ଦୋକାନୀଙ୍କୁ ତଦନ୍ତ ପ୍ରକ୍ରିୟା ପାଇଁ ନୋଟିସ ଦିଆଯାଇଥିଲା। ହେଲେ ଏଠାରେ ଚୋରି ସୁନା ଜବତ ହୋଇପାରି ନ ଥିଲା। ପରେ ଝାଡଖଣ୍ଡ ପୋଲିସ ଖାଲି ହାତରେ ଫେରିଯାଇଥିଲା।

# ୮ରୁ କ୍ୟୁମର ହ୍ୟାଣ୍ଡଲୁମ୍, ହ୍ୟାଣ୍ଡିକ୍ରାଫ୍ଟ ଏକ୍ସପୋ ମେଳା

ରାଉରକେଲା,୬।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଅଗ୍ରଣୀ ସାଇ ଏଣ୍ଟରଟେନମେଣ୍ଟ ଗ୍ରୁପ୍ ପକ୍ଷରୁ ଆସନ୍ତା ଅଗଷ୍ଟ ୮ତାରିଖରୁ ସେକ୍ଟର-୧୩ ମେଳଣ ପଡିଆରେ ରାଉରକେଲା କ୍ୟୁମର ହ୍ୟାଣ୍ଡଲୁମ୍ ଏବଂ ହ୍ୟାଣ୍ଡିକ୍ରାଫ୍ଟ ଏକ୍ସପୋ ମେଳା ହେବାକୁ ଯାଉଛି। ଏହି ମେଳା ଆସନ୍ତା ୨୬ ତାରିଖରେ ଶେଷ ହେବ। ପ୍ରତ୍ୟେହ ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ରାତି ୧୦ଟା ଯାଏ ପ୍ରଦର୍ଶନୀ ଚାଲିବ। ଚଳିତ ବର୍ଷ ସ୍ୱାଧୀନତା ଦିବସ, ରାକ୍ଷୀପୂର୍ଣ୍ଣିମା, ଜନ୍ମାଷ୍ଟମୀ ଓ ଗଣେଶ ପୂଜା ଭଳି ପୂଜାପାର୍ବଣରେ ଆୟୋଜିତ ହେବାକୁ ଯାଉଥିବା ଏହି ମେଳା ରାଉରକେଲାବାସୀଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଦେବ। ମେଳାରେ ୨୨ଟି ରାଜ୍ୟର ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ସାମଗ୍ରୀ ସହ ଆଫଗାନିସ୍ଥାନର ଡ୍ରାଏ ଫ୍ରୁଟ୍‌ସ, ବାଙ୍ଗଲାଦେଶର ଶାଢି ଓ ମାଲେସିଆର ଟପ୍ ମଧ୍ୟ ଉପଲବ୍ଧ ରହିବ। ଏଥିସହ ମେଳାରେ ଭଳିକି ଭଳି ଅତ୍ୟାଧୁନିକ ବିଦ୍ୟୁତ ସାମଗ୍ରୀ, ଘରୋଇ ସାମଗ୍ରୀ, ବନାରସୀ ଶାଢି, ବନ୍ଧନୀ ସୁଟ୍‌ସ ଓ ଶାଢି, ଲକ୍ଷ୍ନୌର ଚିକେନ କାମ, ପଞ୍ଚମପାଲ୍ଲୀ ଶାଢି, ପଟିଆଲା କୁର୍ତ୍ତା, କଲିକତା ଗହଣା, ଖୁରଜା କ୍ରୋକରୀ, ଖଦୀ ସାମଗ୍ରୀ, ରାଜସ୍ଥାନୀ ଆଚାର, ଜୟପୁରର ଚୁରନ ପ୍ରମୁଖ ବହୁ ସୁନ୍ଦର ସୁନ୍ଦର ନିତ୍ୟ ବ୍ୟବହାର୍ଯ୍ୟ ସରଞ୍ଜାମ ଓ ଖାଦ୍ୟ ପସରା ଖୋଲିବ। ମେଳାର ଅନ୍ୟତମ ଆକର୍ଷଣ ସାଜିବ ଦୁବାଇ ସିଟି ଥିମ୍‌ର ସେଲ୍‌ଫି ପଏଣ୍ଟ। ବର୍ଷା ସମୟରେ ଲୋକମାନଙ୍କ ସୁବିଧା ପାଇଁ ସମସ୍ତ ଷ୍ଟଲ ହ୍ୟାଙ୍ଗର ମଧ୍ୟରେ ରହିବ ୱାଟର ପ୍ରୁଫ୍ ଛାତ ବ୍ୟବସ୍ଥା। ଏକ୍ସପୋର ସମସ୍ତ ସାମଗ୍ରୀ ସାଧାରଣ ଭାବେ ବଜାରରେ ଉପଲବ୍ଧ ହେଉ ନ ଥିବା ବେଳେ ରାଉରକେଲାବାସୀଙ୍କୁ ଏକ୍ସପୋ ବ୍ରାଣ୍ଡ ସାମଗ୍ରୀ କିଣିବାର ଅନନ୍ୟ ସ୍ୱାଦ ପ୍ରଦାନ କରିବ। ଏଣୁ ମେଳାକୁ ସଫଳ କରିବା ସହ ଭରପୁର ଆନନ୍ଦ ନେବା ପାଇଁ ସାଇ ଏଣ୍ଟରଟେନମେଣ୍ଟ ଗ୍ରୁପ୍‌ର ନିର୍ଦ୍ଦେଶିକା ଲୀନା ନାୟକ, ଇଭେଣ୍ଟ ମ୍ୟାନେଜର ଏସ୍. କେ. ଅନାର, ସଞ୍ଜୀବ ଗୋଡକିଆ, ବିକାଶ ଜଶୱାଲ, ରୋହିତ ଚୌରାସିଆ, ସଞ୍ଜୀବ ତିୱାରୀ ପ୍ରମୁଖ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ୧୫ ଦିନରେ ୧୧ ଚୋରି, ଡିଆଇଜିଙ୍କୁ ଫେରାଦ

ରାଉରକେଲା,୬।୮ (ସଙ୍ଗୀତା ଜେନା)

ପ୍ରାୟ ୨-୩ ମାସ ମଧ୍ୟରେ ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ଅଞ୍ଚଳରୁ ନିରନ୍ତର ଚୋରି ଓ ଡକାୟତି ହେଉଛି। ଉକ୍ତ ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ଥାନାରେ ଅଭିଯୋଗ କଲେ ମଧ୍ୟ କିଛି ଫଳପ୍ରଦ ହେଉନାହିଁ। ଏଥିରେ ଅତିଷ୍ଠ ହୋଇ ଲୋକେ ମଙ୍ଗଳବାର ମଧ୍ୟାହ୍ନରେ ରାଉରକେଲା ଡିଆଇଜିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେକ୍ଟର-୬ର ଗଣେଶ୍ୱର ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଡିଆଇଜି ବ୍ରିଜେଶ ରାୟଙ୍କୁ ଭେଟିଥିଲେ। ସମାଜସେବୀ ରାୟଙ୍କ କହିବା ଅନୁସାରେ, କିଛି ମାସ ହେଲା ଉକ୍ତ ସେକ୍ଟରରେ ଚୋରି ହେଉଛି। ସେକ୍ଟର ଲୋକେ ଘର ବନ୍ଦ କରି ଅନ୍ୟତ୍ର ଯିବାକୁ ଭୟ କରୁଛନ୍ତି। ଦିନ ସମୟରେ ମଧ୍ୟ ଚୋରି ହେଉଛି। ଚୋର ଓ ଦୁର୍ବୃତ୍ତମାନେ ଘରକୁ ଭିତରପଟୁ ବନ୍ଦ କରି ଚୋରି କରିବା ପରେ ପଛକବାଟ ଦେଇ ପଳାୟନ କରୁଛନ୍ତି। ଗତ ୧୫ ଦିନ ମଧ୍ୟରେ ୧୧ଟି ସ୍ଥାନରେ ଚୋରି ହୋଇସାରିଛି। ସେକ୍ଟର-୬ର ଏ ବ୍ଲକ, ଇ ବ୍ଲକ, ଡି ବ୍ଲକ, ଏଚ୍ ବ୍ଲକ ସମେତ ବିଭିନ୍ନ ସ୍ଥାନରେ ଥିବା ମାର୍କେଟରେ ରାତି ସମୟରେ ଦୋକାନ ଆଜବେଷ୍ଟସ ଛାତ ଭାଙ୍ଗି ସାମଗ୍ରୀ ଓ ଟଙ୍କା ଲୁଟ୍ ହେଉଛି। ଡିଆଇଜିଙ୍କୁ ଭେଟି ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିଛୁ ବୋଲି ରାୟ କହିଥିଲେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଡିଆଇଜି ରାୟ ପ୍ରତିଶ୍ରୁତି ଦେଇଥିଲେ।


ପୋଲିସ ମୁଖ୍ୟାଳୟରେ ସେକ୍ଟର-୬ ବାସିନ୍ଦା ଡିଆଇଜିଙ୍କୁ ସାକ୍ଷାତ କରୁଛନ୍ତି।

# ଆର୍ଏସ୍‌ପି ନୂତନ ସିଜିଏମ୍‌ଙ୍କୁ ଭେଟିଲା ଶ୍ରମିକ ସଙ୍ଗଠନ

ରାଉରକେଲା,୬।୮ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଏସ୍ଆଣ୍ଡଏଫ୍ଏସ୍)ର ନୂତନ ସିଜିଏମ୍ ଭାବେ ଏ. ଏସ୍. କାର୍ଥା ପଦୋନ୍ନତି ପାଇଛନ୍ତି। ତେବେ କାରଖାନାରେ ସ୍ୱୀକୃତି ପାଇଥିବା ଶ୍ରମିକ ସଙ୍ଗଠନ ରାଉରକେଲା ଶ୍ରମିକ ସଂଘ (ଆର୍ଏସ୍ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍ଏମ୍)ର କର୍ମକର୍ତ୍ତାମାନେ ମଙ୍ଗଳବାର ସିଜିଏମ୍ କାର୍ଥାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସମୟରେ ଆରଏସ୍ଏସ୍ ଉପସଭାପତି ବୀରକିଶୋର ଶେଖରଦେଓ, କୋଷାଧ୍ୟକ୍ଷ ରଘୁନାଥ ଭୁକ୍ତା, ସମ୍ପାଦକ ସତ୍ୟପ୍ରିୟ ସାହୁ, ବିଶ୍ୱମୋହନ ପୁହାଣ, ସରୋଜ ମିଶ୍ର, ଅଶୋକ ରାଉତ, ସୁବାସ ଶେଖର ଓଝା, ପ୍ରତାପ ପଣ୍ଡା ତଥା ଜିଏମ୍ଏମ୍ ଉପସଭାପତି ସନ୍ତୋଷ କୁଜୁର, ଉପସଭାପତି ମାଙ୍ଗେ ଏକ୍କା, କୋଷାଧକ୍ଷ ଆନନ୍ଦ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।


ନୂତନ ସିଜିଏମ୍‌ଙ୍କୁ ଶ୍ରମିକ ସଙ୍ଗଠନ ପ୍ରତିନିଧି ସାକ୍ଷାତ କରୁଛନ୍ତି।

# ସମସ୍ୟା ଘେରରେ ବୁରୁଟୋଲା ବସ୍ତି

ରାଉରକେଲା,୬।୮ (ଦିନେଶ ମିଶ୍ର)

- ଜଳୁନି ଷ୍ଟ୍ରିଟ୍ ଲାଇଟ୍, ରାସ୍ତାରେ ଗର୍ତ୍ତ
- ସାମାନ୍ୟ ବର୍ଷାରେ ଭାଙ୍ଗିଲା ଡ୍ରେନେଜ
- ତଦନ୍ତ ପରେ ମରାମତି ପାଇଁ ପଦକ୍ଷେପ: ଆର୍ଏମ୍ସି

ରାଉରକେଲା ସହର ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ଚାଲିଛି ବହୁ ଉନ୍ନତିମୂଳକ କାର୍ଯ୍ୟ। ସହରରେ କେଉଁଠି ରାସ୍ତା ଚଉଡା କରାଯାଉଛି ତ ଆଉ କେଉଁଠି ଡ୍ରେନେଜ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି। ଏହିସବୁ ଉନ୍ନତୀକରଣ ଭିତରେ ସହରରେ ଥିବା ବହୁ ବସ୍ତି ଓ ତଳି ଅଞ୍ଚଳରେ ମଧ୍ୟ ବିକାଶ କାର୍ଯ୍ୟ ଜାରି ରହିଛି। ତେବେ ସହରର ବେଦବ୍ୟାସ ସ୍ଥିତ ବୁରୁବୋଲା ବସ୍ତିରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଦେଖିବାକୁ ମିଳିଛି।

ବୁରୁବୋଲା ବସ୍ତିଟି ଆରଏମ୍ସି ଅଧୀନରେ ଥିବାବେଳେ ଏଠାରେ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ବସ୍ତିରେ ଗତ ୬ ମାସ ତଳେ ଡ୍ରେନେଜ ବ୍ୟବସ୍ଥା କରାଯାଇଥିଲା। ଏହି ଡ୍ରେନେଜ ଯୋଗୁ ସ୍ଥାନୀୟ ବସ୍ତିବାସୀଙ୍କ ବ୍ୟବହୃତ ପାଣି ଡ୍ରେନରେ ଯାଉଥିଲା। ତେବେ ଡ୍ରେନେଜ କାମ ନିମ୍ନମାନର ହୋଇଥିବାରୁ ଏହା ନିର୍ମାଣ ହେବାର ମାତ୍ର ୬ ମାସ ଭିତରେ ଏକାଧିକ ସ୍ଥାନ ଚଳିତ ବର୍ଷାରେ ଭାଙ୍ଗି ଯାଇଛି। ବସ୍ତିରେ ଡ୍ରେନେଜ ଅବ୍ୟବସ୍ଥା ଥିବାରୁ ନାଳପାଣି ରାସ୍ତାରେ ଭାସୁଛି। ସେହିପରି ବସ୍ତିରେ କୌଣସି ଡଷ୍ଟବିନ ବ୍ୟବସ୍ଥା ନାହିଁ। ଫଳରେ ବସ୍ତିବାସୀ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳିଆ ନ ପକାଇ ଏଣେତେଣେ ପକାଉଛନ୍ତି। ଏହି ଅଳିଆଗୁଡିକୁ ବୁଲା ପଶୁମାନେ ଖେଳାଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ବସ୍ତିରେ ଲାଗିଥିବା ଏକାଧିକ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଆରଏମସି ପକ୍ଷରୁ ଲାଗିଥିବା ଏକ ହାଇମାଷ୍ଟ ଲାଇଟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଅଚଳ ଅବସ୍ଥାରେ ପଡି ରହିଛି। ଏ ନେଇ ବସ୍ତିବାସୀ ଆରଏମ୍ସିରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବସ୍ତି ଭିତରକୁ ଯାଇଥିବା ପିଚୁ ରାସ୍ତାଟି ଖୋଳି ହୋଇଯାଇଥିବାରୁ ଯାତାୟାତରେ ଅସୁବିଧା ହେଉଛି। ରାସ୍ତାର ଅଧିକାଂଶ ସ୍ଥାନ ଖୋଳି ହୋଇଯାଇଥିବାରୁ ବର୍ଷା ହେଲେ ପାଣି ଜମି ରହୁଛି। ଫଳରେ ବସ୍ତି ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ଖରାପ ଯୋଗୁ ବସ୍ତି ଭିତରକୁ କୌଣସି ସ୍କୁଲ ଅଟୋ ଓ ଭାରିଯାନ ଯାତାୟାତ କରୁପାରୁନାହିଁ।

ସେହିପରି ଏହି ବସ୍ତିରେ କୌଣସି ଗୋଷ୍ଠୀ ଶୌଚାଳୟ ନାହିଁ। ଫଳରେ ସ୍ଥାନୀୟ ଲୋକେ ଶୌଚ ପାଇଁ ବସ୍ତି ନିକଟ ଏକ ଖୋଲାପଡିଆକୁ ବ୍ୟବହାର କରୁଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଜରିଆରେ ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ ଚାଲିଥିବାବେଳେ ଏହି ବସ୍ତି ବାଦ୍ ପଡିଛି। ବୁରୁବୋଲା ବସ୍ତିରେ ଏଭଳି ଅନେକ ସମସ୍ୟା ରହିଛି। ଏହାକୁ ତୁରନ୍ତ ସମାଧାନ କରିବା ଲାଗି ବସ୍ତିବାସୀ ଦାବି କରିଛନ୍ତି। ଏ ନେଇ ଆରଏମ୍ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ବେଦବ୍ୟାସ ସ୍ଥିତ ବୁରୁଟୋଲା ବସ୍ତିରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆସନ୍ତା ୭ ଦିନ ଭିତରେ ଆରଏମ୍ସି ପକ୍ଷରୁ ତଦନ୍ତ କରିବା ପରେ ସମସ୍ୟାର ସମାଧାନ କରିବୁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବିପଜ୍ଜନକ ଗାଡ଼ି ଚାଳନା: ମାଲିକ ଗିରଫ, ୨ ଗାଡ଼ି ଜବତ

ସମ୍ବଲପୁର,୬।୮ (ପ୍ରମୋଦ ବହିଦାର)

ଜାତୀୟ ରାଜପଥ(୫୩)ରେ ବିପଜ୍ଜନକ ଭାବେ ଗାଡ଼ି ଚାଳନା ପାଇଁ ମଙ୍ଗଳବାର ଦୁଇଟି ଗାଡ଼ିକୁ ଜବତ କରିବା ସହ ଗାଡ଼ି ମାଲିକଙ୍କୁ ଗିରଫ କରାଯାଇଛି। ଉଭୟ ଗାଡ଼ିର ମାଲିକ ସମ୍ବଲପୁର ମୁଦିପଡ଼ା ପଦ୍ମକେଶରୀ ପାର୍କ ଅଞ୍ଚଳର ସନି ଯାଦବ(୩୪)। ମଙ୍ଗଳବାର ଗାଡ଼ିମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମାତ୍ର ବିପଦଜନକ ଭାବେ ଗାଡ଼ି ଚାଳନା କରୁଥିବା ଚାଳକମାନଙ୍କ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ। ସୋମବାର ରାତିରେ ବୁର୍ଲା ନିକଟରେ ଜାତୀୟ ରାଜପଥ ଉପରେ ବିପଜ୍ଜନକ ଭାବେ ଗାଡ଼ି ଚାଳନା କରୁଥିବା ଦେଖି ବୁର୍ଲା ପୋଲିସ ଏକ ଟୋୟୋଟା ଫର୍ଚୁନର ଓ ଗୋଟିଏ ମହିନ୍ଦ୍ରା ଏକ୍ସୟୁଭି-୭୦୦ ଗାଡ଼ିକୁ ଜବତ କରିଥିଲା।

### ସ୍କାଉଟ୍ସ ଗାଇଡ୍ସ, ରେଡକ୍ରସ ସାଧାରଣ ପରିଷଦ ବୈଠକ

ସମ୍ବଲପୁର,୬।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢାରଜା ହାଇସ୍କୁଲରେ ସ୍କୁଲସ୍ତରୀୟ ସ୍କାଉଟ୍ସ ଗାଇଡ୍ସ ଏବଂ ରେଡକ୍ରସର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଅତିଥିଭାବେ ଯୋଗ ଦେଇଥିଲେ । ବୈଠକରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜତା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଦେଶ ସେବା କ୍ଷେତ୍ରରେ ବିଦ୍ୟାଳୟସ୍ତରରୁ ସାମିଲ ହେବାକୁ ପରାମର୍ଶ ଦିଆଯାଇଥିଲା। ବୁଢାରଜା ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ, ବଲାରଙ୍ଗା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ମାନେଶ୍ୱର ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ଲୋଚିକା ପଧାନ, ଯୁଯୋମୁରା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ, ସ୍କାଉଡ କମିଶନର ନରେନ୍ଦ୍ର ଦେହୁରୀ, ଜୁନିୟର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପଙ୍କ ସମେତ ୧୭୦ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟକୁମାର ସାହୁ ଓ ସତ୍ୟ ନାରାୟଣ ପଣ୍ଡା ପରିଚାଳନା କରିଥିଲେ।

### ସାମାଜିକ କର୍ମୀ ସୁବାସ ମହାପାତ୍ରଙ୍କ ବିୟୋଗରେ ଶୋକ

ସମ୍ବଲପୁର,୬।୮ (ଭବାନୀ ଶଙ୍କର ଭୋଇ)

ସାମାଜିକ କର୍ମୀ ସୁବାସ ମହାପାତ୍ରଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସାବିତ୍ରୀ ମହାପାତ୍ର, ପୁଅ ସୁଜିତ ମହାପାତ୍ର,



ବୋହୂ କବିତା, ଝିଅ ସଙ୍ଗୀତା ଓ ଜ୍ୱାଇଁ ଉପସ୍ଥିତ ଥିଲେ। ଜଣେ ସମାଜସେବୀ, ବୁଦ୍ଧିଜୀବୀଭାବେ ଜଣା ମହାପାତ୍ର ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ଅନ୍ତର୍ଗତ ଭାଜପାର ଜଣେ ବରିଷ୍ଠ ନେତା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ମାନେଶ୍ୱର ବ୍ଲକ୍ ତଥା ଧମା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମଙ୍ଗଳବାର ସକାଳେ ସୁବାସ ଙ୍କ ମର ଶରୀର ଭୁବନେଶ୍ୱରରୁ ଆସି ତାଙ୍କର ଅଁଏଲାପାଲି ସ୍ଥିତ ବାସଭବନରେ ପହଞ୍ଚି ଥିଲା । ଅନ୍ତିମ ଦର୍ଶନ ପାଇଁ କିଛି ସମୟ ରଖାଯାଇ ରାଜଘାଟଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସୁଜିତ ମହାପାତ୍ର ମୁଖାଗ୍ନି ଦେଇଥିଲେ। ରାଜଘାଟରେ ତାଙ୍କର ଅନ୍ତିମ ଦର୍ଶନ ପାଇଁ ଭାଜପାର ବରିଷ୍ଠ ନେତା ଦେବେନ୍ଦ୍ର ମହାପାତ୍ର, ବିଜେଡ଼ିର ବରିଷ୍ଠ ନେତା ବେଣୁଧର ଦାସ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଜେଡି ଜିଲା ସଭାପତି ଇଂ ରୋହିତ ପୂଜାରୀ , ସମ୍ବଲପୁର ବସଷ୍ଟାଣ୍ଡ ନାଇଟ କ୍ଲବର ପ୍ରଦୀପ ସୁପକାର, ପ୍ରଦୀପ ଦାସ, ଅରବିନ୍ଦ ନାୟକ ମହାପାତ୍ରଙ୍କ ବିୟୋଗରେ ଶୋକ ପ୍ରକଟ କରିଛନ୍ତି ।

# ରେଳ ଅଣ୍ଡରପାସ୍‌ରେ ଆଣ୍ଠୁଏ ପାଣି

ସମ୍ବଲପୁର, ୬।୮ (ପ୍ରମୋଦ ବହିଦାର)

- ଯାତାୟାତରେ ସାଜୁଛି ବାଧକ
- ଓଭରବ୍ରିଜ୍ ନିର୍ମାଣ ଦାବି

ସମ୍ବଲପୁର ଜିଲା ଜୁଜୁମୁରା ଥାନା ଛକରୁ ଜୁଜୁମୁରା ଗ୍ରାମକୁ ଯିବା ରାସ୍ତାରେ ନୂତନଭାବେ ନିର୍ମାଣ ହୋଇଥିବା ରେଳ ଅଣ୍ଡରପାସ୍‌ରେ ଜମା ହୋଇ ରହିଛି ୩ଫୁଟ୍ ଉଚ୍ଚର ପାଣି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏହି ବାଟ ଦେଇ ଯାଉଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏଠାରେ ଅଣ୍ଡରପାସ୍ ବଦଳରେ ରେଳ ଓଭରବ୍ରିଜ ପାଇଁ ଅଞ୍ଚଳବାସୀ ସେମାନଙ୍କ ପୂର୍ବ ଦାବିକୁ ଦୋହରାଇଛନ୍ତି।

ଜାତୀୟ ରାଜପଥରୁ ଜୁଜୁମୁରା ଗ୍ରାମକୁ ଯାଇଥିବା ଏହି ରାସ୍ତାରେ ଏକ ରେଲୱେ ଲେଭଲ କ୍ରସିଙ୍ଗ ରହିଛି। ବ୍ୟସ୍ତବହୁଳ ସମ୍ବଲପୁର-ଅନୁଗୋଳ ରେଳପଥରେ ଦିନକୁ ଦିନ ଟ୍ରେନ ଚଳାଚଳ ବୃଦ୍ଧି ପାଉଥିବାରୁ ଅଧିକାଂଶ ସମୟ ଲେଭଲ କ୍ରସିଂ ବନ୍ଦ ରହୁଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ରାସ୍ତାରେ



ଜୁଜୁମୁରା ରେଳ ଅଣ୍ଡରପାସରେ ପାଣି ଜମି ରହିଛି।

ଯାତାୟାତକୁ ସୁଗମ କରିବା ଉଦ୍ଦେଶ୍ୟରେ ୨୦୨୨ରେ ଏଠାରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ସମସ୍ୟାକୁ ହୃଦୟଙ୍ଗମ କରି ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଏଠାରେ ରେଳ ଓଭରବ୍ରିଜ ବଦଳରେ ଏକ ଅଣ୍ଡରପାସ ନିର୍ମାଣ କରିବାକୁ ରେଲୱେ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଅଞ୍ଚଳବାସୀ ଏହାକୁ ବିରୋଧ କରିଥିଲେ ହେଁ ରେଳ କର୍ତ୍ତୃପକ୍ଷ ନିଜ ନିଷ୍ପତ୍ତିରେ ଅଟଳ ରହି ଲେଭଲ କ୍ରସିଂ ପାର୍ଶ୍ୱସ୍ଥ ଏକ ଖାଲୁଆ ସ୍ଥାନରେ ଅଣ୍ଡର ପାସ୍ ନିର୍ମାଣ କରିଛନ୍ତି। ତେବେ ସେଠାରେ ଜଳ ନିଷ୍କାସନ ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଭିତ୍ତିଭୂମିର ଅଭାବ ରହିଛି।

ସାମାନ୍ୟ ବର୍ଷାରେ ଅଣ୍ଡରପାସ୍‌ରେ ପାଣି ଜମି ରହୁଛି। ଏଭଳି ପରିସ୍ଥିତିରେ ଏହି ରାସ୍ତାରେ ଯାତାୟାତ କରିବାରେ ଲୋକେ ଅସୁବିଧା ଭୋଗୁଛନ୍ତି। ନିର୍ମାଣ ସମୟରୁ ଏପରି ସମସ୍ୟା ହେବ ବୋଲି ଅଞ୍ଚଳବାସୀ ଆଶଙ୍କାବ୍ୟକ୍ତ କରି ରେଲୱେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ ଏଥିପ୍ରତି ଧ୍ୟାନ ଦିଆ ଗଲାନାହିଁ। ଯାହାର ପରିଣାମ ଏବେ ଭୋଗିବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଅଞ୍ଚଳବାସୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସ୍ୱର ଶାଣିତ ନ ହେବାର ଫାଇଦା ନେଇ ରେଳ ବିଭାଗ ଓଭରବ୍ରିଜ ବଦଳରେ ଅଣ୍ଡରପାସ୍ ନିର୍ମାଣ କରି ଦାୟିତ୍ୱ ସାରିଦେଲା ବୋଲି ଅଭିଯୋଗ ହୋଇଛି। ଏହି ସ୍ଥିତିରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ଏକ ରେଳ ଓଭରବ୍ରିଜ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ବାଲି ବଦଳରେ ମୋରମ ଭର୍ତ୍ତି କରାଯାଉଛି



ହଷ୍ଟେଲ କୋଠରିରେ ବାଲି ପରିବର୍ତ୍ତେ ମୋରମ ଭର୍ତ୍ତି କରାଯାଇଛି।

କୁଚିଣ୍ଡା, ୬।୮ (ବିରଞ୍ଚି ଦର୍କା)

### କୁଚିଣ୍ଡା କଲେଜ କୋଠା ନିମ୍ନମାନର, ଭିଡିଓ ଭାଇରାଲ

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପରିସରରେ ହଷ୍ଟେଲ କୋଠା ନିର୍ମାଣ ଚାଲିଛି। ତେବେ ଏହି କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପ୍ଲିନ୍ଥ ପରେ କୋଠରିଗୁଡ଼ିକରେ ବାଲି ବଦଳରେ ମୋରମ ଭର୍ତ୍ତି କରୁଥିବା ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏଭଳି ନିମ୍ନମାନର କାମ ବିରୋଧରେ ସ୍ଥାନୀୟ ସାମ୍ବାଦିକ ସଂଘ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି। ନିୟମ ଥିଲେ ବି କାମ କରିବା ପୂର୍ବରୁ ନିର୍ମାଣସ୍ଥଳୀରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ପୁନଶ୍ଚ କାର୍ଯ୍ୟସ୍ଥଳୀରେ ସମ୍ପୃକ୍ତ ବିଭାଗର ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ଏଭଳି ଅନିୟମିତତା ହେଉଥିବା କୁହାଯାଉଛି। ପ୍ରକାଶ ଥାଉକି, ଏହି ହଷ୍ଟେଲ ନିର୍ମାଣ କାମ ପାଇଁ ୩କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା ବେଳେ ୱାପକୋଶ ଠିକାସଂସ୍ଥା ଏହାର ଟେଣ୍ଡର ନେଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ, କୋଠରିଗୁଡ଼ିକରେ ମୋରମ ଭର୍ତ୍ତି କରା ଯାଉଥିବାର ଭିଡିଓ ଭାଇରାଲ ହେବା ପରେ ମୁଁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛି। ଅଧିକାରୀ ଜଣକ କାମ ଭଲ ଭାବେ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାମର ତଦାରଖ ପାଇଁ କଲେଜ ପକ୍ଷରୁ ଏକ କମିଟି ଗଠନ କରାଯିବ ବୋଲି ମିଶ୍ର କହିଛନ୍ତି।

# ନିକଅପା କୁଟୀର ବିକଶିତ ହେବ



ରାମଜୀ ଗୁଡିପଡାରେ ଥିବା ନିକଅପା କୁଟୀର ସମ୍ମୁଖରେ ପରିବାର ସଦସ୍ୟ।

ସମ୍ବଲପୁର,୬।୮ (ଭବାନୀ ଶଙ୍କର ଭୋଇ)

### ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ଦର୍ଶନ ଉପରେ କହିଲେ ପରିବାର ଲୋକେ

ସମ୍ବଲପୁରୀ ସାଧକ ତଥା ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମ୍ବଲପୁରୀ ଦିନ ଭାବେ ପାଳନ କରାଯାଉଛି। ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ସମ୍ବଲପୁରୀ ଅସ୍ମିତାର ପରିଚୟ ବୋଲି ତାଙ୍କର ସମର୍ଥକ ଦାବି କରିଥାନ୍ତି । ତେବେ ସମ୍ବଲପୁରସ୍ଥିତ ତାଙ୍କ ବାସଗୃହ ନିକଅପା କୁଟୀର ଭଗ୍ନ ହୋଇ ପଡି ରହିଥିବାରୁ ସମ୍ବଲପୁରୀ ପ୍ରେମୀଙ୍କ ମନରେ ଅଷନ୍ତୋଷ ଦେଖାଦେଇଛି। ନିକଅପା କୁଟୀରକୁ ସଂରକ୍ଷଣ କରିବା ପାଇଁ ସମ୍ବଲପୁରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଉଛି। ମଙ୍ଗଳବାର ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପରିବାର ସଦସ୍ୟ ସମ୍ବଲପୁର ଆସି ନିକଅପା କୁଟୀରର ପୁନରୁଦ୍ଧାର ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବର୍ଷାଋତୁ ପରେ ଏହି କୁଟିରର ଆବଶ୍ୟକ ବିକଶିତ କରାଯିବ ବୋଲି କହିଛନ୍ତି।

ସୋନପୁରରେ ରହୁଥିବା ଗୁରୁ ସତ୍ୟନାରାୟଣଙ୍କ ନାତି ତରୁଣ ଏବଂ ଦୁଇ ନାତୁଣୀ ରୀତା ଏବଂ ଗୀତାଙ୍କ ସହ ନାତୁଣୀ ଜ୍ୱାଇଁ ଏବଂ ଅଣନାତି ସମ୍ବଲପୁର ଆସି ଗୁରୁ ବହିଦାରଙ୍କ ସମ୍ବଲପୁରୀ ଡେରାରେ ସଦ୍ୟ ଉନ୍ମୋଚିତ ପ୍ରତିମୂର୍ତ୍ତୀ ଦର୍ଶନ କରିବା ସହ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେମାନେ ରାମଜୀ ଗୁଡି ପଡାସ୍ଥିତ ନିକଅପା କୁଟୀର ଯାଇଥିଲେ। ଉକ୍ତ କୁଟୀରର ଛାତ ଭୁଶୁଡି ଯାଇଥିବା ବେଳେ ଗଛ ଉଠି କାନ୍ଥ ଭାଙ୍ଗିବାକୁ ବସିଛି। ତେବେ ଗୁରୁ ବହିଦାରଙ୍କ ପ୍ରତି ସମ୍ବଲପୁରୀ ପ୍ରେମୀଙ୍କ ରହିଥିବା ଶ୍ରଦ୍ଧାକୁ ଦୃଷ୍ଟିରେ ରଖି ବର୍ଷାଋତୁ ପରେ ଘର କାନ୍ଥରେ ଉଠିଥିବା ଗଛ କାଟି ମରାମତି କରାଯିବ ବୋଲି ପରିବାର ସଦସ୍ୟମାନେ କହିଥିଲେ। ଏହାସହ ପରିବାର ପକ୍ଷରୁ ପଡୋଶୀମାନଙ୍କ ସହିତ ଆଲୋଚନା କରିବା ସହ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ସତ୍ୟନାରାୟଣ ବହିଦାରଙ୍କ ନାତିନାତୁଣୀମାନେ ପଡୋଶୀ ଜାମିନୀ ଠାକୁର, ରାଧାରାଣୀ ଠାକୁର, ତପସ୍ୱିନୀ ସାହୁ, ସନ୍ତୋଷିନୀ ଭୋଇ, ରୀତା ସ୍ୱାଇଁ, ଲକ୍ଷ୍ମିପ୍ରୀୟା ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ, ସମ୍ବଲପୁରୀ ଲେଖକ ସଂଯୋଜକ ଡ ସ୍ୱୟଂ ପ୍ରକାଶ ପଣ୍ଡା, ସାଂସ୍କୃତିକ ସଂଯୋଜକ ଦଶରଥ ମେହେର, କାର୍ଯ୍ୟକ୍ରମ ସଂଯୋଜକ ନିଶିକାନ୍ତ ବିଶ୍ୱାଳ, ଯୁବ ସଂଯୋଜକ ରାହୁଳ ଗୁପ୍ତା, ସମ୍ବଲପୁର ଶାଖା ଉପଦେଷ୍ଟା ସୁରେନ୍ଦ୍ର ବର୍ଗତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା ଋତୁ ଶେଷ ହେବା ପରେ ନିକଅପା ଘରର ମରାମତି କରିବା ସହ ସ୍ମୃତିଭବନ ଭାବେ ବିକଶିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନୀ ଉପରେ ରଚିତ ପୁସ୍ତକ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିଲା।

### ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ତିଜ ମେଳା

ସମ୍ବଲପୁର, ୬।୮ (ବି.ଶଙ୍କର)

ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ସମ୍ବଲପୁର ଶାଖା ପକ୍ଷରୁ ଗେଟିରୋଡସ୍ଥିତ ଧର୍ମଶାଳାଠାରେ ଦୁଇଦିନିଆ ତିଜମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳାରେ ସମ୍ବଲପୁର, ବରଗଡ଼, ଭୁବନେଶ୍ୱର ସମେତ ରାଜ୍ୟ ବାହାରୁ ମଧ୍ୟ ମହିଳା ଉଦ୍ୟୋଗୀମାନେ ଯୋଗଦେଇଛନ୍ତି। ମେଳାରେ ଛୋଟ ପିଲାଙ୍କ ପାଇଁ ନୃତ୍ୟ, ଫେନସି ଡ୍ରେସ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ତିଜ ମେଳାର ଅନ୍ୟତମ ପ୍ରମୁଖ ଆକର୍ଷଣ ଦୋଳିର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଷ୍ଟଲରେ ଗହଣା, ଶାଢ଼ୀ, ଫେନସି ଆଇଟମ ସମେତ ବହୁ ଘରକରଣା ସାମଗ୍ରୀ ଗୋଟିଏ ସ୍ଥାନରେ ପ୍ରଦର୍ଶନ କରାଯାଇଥିଲା। ସମ୍ବଲପୁରଠାରେ ୧୯୮୪ ମସିହାଠାରୁ ଏହି ମେଳା ଆରମ୍ଭ କରାଯାଇଥିଲା। ମୁଖ୍ୟତଃ ମହିଳାଙ୍କୁ ସଶକ୍ତିକରଣ କରିବା ଉଦ୍ଦେଶ୍ୟରେ ଏହା ବେଶ ସହାୟକ ହେଉଥିବା ଆୟୋଜକମାନେ କହିଛନ୍ତି। ଏହି ମେଳାକୁ ଡାକ୍ତର ରେଣୁକା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ରାଜ୍ୟ ସଭାପତି ଦିନେଶ ଅଗ୍ରୱାଲ, ମାରୱାଡ଼ି ଯୁବାମଞ୍ଚ ରାଜ୍ୟ ସଭାପତି ପରାଗ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ଓଡ଼ିଶା ରାଜ୍ୟ ସମ୍ବଲପୁର ଶାଖା ସଭାନେତ୍ରୀ ମିନା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସାନ୍ତା ପଟ୍ଟୱାରୀ, ପୂଜା ପଟ୍ଟୱାରୀ ଓ ସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ



ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ମା' ଓ ଶିଶୁମାନେ ।

ସମ୍ବଲପୁର,୬।୮ (ବି.ଶଙ୍କର)

ହୀରାକୁଦ ସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ସୁସ୍ଥ ଓ ସଶକ୍ତ ସମାଜ ଗଠନ ନିମନ୍ତେ ସାମାଜିକ ସଚେତନତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ହିଣ୍ଡାଲକୋ ସମ୍ବଲପୁର ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ପରାମର୍ଶ କ୍ରମେ କାର୍ଯ୍ୟକ୍ରମ ହୋଇଥିଲା । ଏହି ସାମାଜିକ ସଚେତନତା କାର୍ଯ୍ୟକ୍ରମ ଚଳିତ ବର୍ଷ ପ୍ରତିବନ୍ଧକକୁ ଦୂରକରିବା : ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଶୀର୍ଷକ କାର୍ଯ୍ୟକ୍ରମ ସ୍ଥାନୀୟ ଗାନ୍ଧୀ ନଗର ଅଙ୍ଗନବାଡି କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ସୁଭାଶିନୀ ପଟେଲ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ସୁକାନ୍ତ ମହାପାତ୍ର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ସୁଭାଶିନୀ ପଟେଲ ଯୋଗଦେଇ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଗର୍ଭାବସ୍ଥାରେ ମା'ମାନଙ୍କର ଉପଯୁକ୍ତ ଯତ୍ନ ତଥା ପୁଷ୍ଟିକର ଖାଦ୍ୟ, ପ୍ରସବ ପୂର୍ବ ଓ ପରର ସ୍ୱାସ୍ଥ୍ୟ ପରୀକ୍ଷା ସମ୍ବନ୍ଧିୟ ସଚେତନତା ବିଷୟରେ ସମସ୍ତ ଉପସ୍ଥିତ ଥିବା ମହିଳାମାନଙ୍କୁ ସଚେତନ କରାଯାଇଥିଲା। ସୁକାନ୍ତ ମହାପାତ୍ର ମହିଳାମାନଙ୍କୁ ସଚେତନତା କରି ସ୍ତନ୍ୟପାନ ଉପରେ ଗୁରୁତ୍ୱ ଦେଇ ନୂତନ ଶିଶୁମାନଙ୍କର ସ୍ୱାସ୍ଥ୍ୟକୁ ନିରୋଗ ରଖିବା ପାଇଁ ଉପଦେଶ ଦେଇଥିଲେ । ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ସରୋଜ କୁମାର ଆଚାର୍ଯ୍ୟ ସ୍ତନ୍ୟପାନ ସପ୍ତାହର ଆବଶ୍ୟକତା ରହିଛି ବୋଲି କହିଥିଲେ । ଜୟଶ୍ରୀ ରାଓ ଏବଂ ମିଳନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଟି ପକାଇ କେନାଲ ପୋତିଦେଲେ

ସମ୍ବଲପୁର,୬।୮ (ପ୍ରମୋଦ ବହିଦାର)

### ୨୮ ନମ୍ବର ୱାର୍ଡବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର ମହାନଗର ନିଗମ ୨୮ ନମ୍ବର ୱାର୍ଡ ଅନ୍ତର୍ଗତ ଅଇଁଠାପାଲି ଅଞ୍ଚଳରେ ଥିବା ଏକ କେନାଲକୁ ଜଣେ ଜମି ବ୍ୟକ୍ତି ମାଟି ପକାଇ ପୋତି ଦେଇଛନ୍ତି। ଏହିଭଳି ଅଭିଯୋଗ କରି ଉକ୍ତ ୱାର୍ଡରେ ବାସ କରୁଥିବା ବହୁ ମହିଳା ଓ ପୁରୁଷ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ୱାର୍ଡବାସୀଙ୍କ ଅଭିଯୋଗ ଅନୁସାରେ ଜଣେ ଜମି ମଧ୍ୟସ୍ଥ ସେମାନେ ରହୁଥିବା ଅଞ୍ଚଳ ନିକଟରେ ଯାଇଥିବା ଏକ କେନାଲକୁ ମାଟି ପକାଇ ବେଆଇନ ଭାବେ ପୋତି ଦେଇଛନ୍ତି। ଫଳରେ କେନାଲ ଜଳ ପ୍ରବାହରେ ବାଧକ ସୃଷ୍ଟି କରୁଛି। ଏହାସହ କେନାଲର ଉଛୁଳା ଜଳ ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ସେମାନେ ରହୁଥିବା ଜନବସତିକୁ ପ୍ରବେଶ କରୁଛି। ଏଠାରେ ସେମାନେ ରହୁଥିବା ମାଟିରେ ତିଆରି ଘରଗୁଡ଼ିକ ଭାଙ୍ଗିଯିବାର ଆଶଙ୍କା ଦେଖାଦେଇଛି। ତେବେ ଉକ୍ତ ଜନବସତିରୁ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ପରୋକ୍ଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଏହା ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ, ସମ୍ପୃକ୍ତ ବ୍ୟକ୍ତି ଜଣକ ଏଥିପୂର୍ବରୁ ଗତ ୨୦୧୭ ମସିହାରେ ମଧ୍ୟ ଅନୁରୂପ ଭାବେ ଉକ୍ତ କେନାଲକୁ ପୋତି ପଡ଼ାବାସୀଙ୍କୁ ଏଠାରୁ ଉଚ୍ଛେଦ କରିବାକୁ ଚକ୍ରାନ୍ତ କରିଥିଲେ। ଏହାକୁ ନେଇ ପଡ଼ାବାସୀଙ୍କ ଅଭିଯୋଗ କ୍ରମେ ତତ୍କାଳୀନ ଜିଲାପାଳ ସଦର ତହସିଲଦାର ଓ ଅଇଁଠାପାଲି ଥାନାର ତତ୍କାଳୀନ ଅଧିକାରୀଙ୍କ ସହିତ ଆସି କ୍ଷେତ୍ର ପରିଦର୍ଶନ ପରେ ଆଗକୁ କେନାଲ ପୋତିବା କାର୍ଯ୍ୟରୁ ବିରତ ରହିବାକୁ ତାଗିଦ୍ କରିଥିଲେ। ଏହାକୁ ନେଇ ଉକ୍ତ ଜମି ମଧ୍ୟସ୍ଥଙ୍କ ନାମରେ ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏଣୁ ଜିଲାପାଳ ସମ୍ପୃକ୍ତ ବ୍ୟକ୍ତିଙ୍କ ଦୌରାତ୍ମ୍ୟରୁ ସେମାନଙ୍କୁ ସୁରକ୍ଷା ଦେବା ସହିତ କେନାଲ ପୋତିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୨୮ ନମ୍ବର ୱାର୍ଡବାସୀ ଦାବି କରିଛନ୍ତି। ପଡ଼ାବାସୀଙ୍କ ପକ୍ଷରୁ ସଦର ତହସିଲଦାର, ମହାନଗର ନିଗମ କମିଶନର ଓ ଅଇଁଠାପାଲି ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି।

# ପ୍ରତ୍ୟେକ ସେତୁରେ ଆଡ଼ିବନ୍ଧ ନିର୍ମାଣ ସରକାରଙ୍କ ଲକ୍ଷ୍ୟ



ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ଜନ ପ୍ରତିନିଧି ଓ ଅଧିକାରୀ।

କୁଚିଣ୍ଡା, ୬।୮ (ବିରଞ୍ଚି ଦର୍କା)

### ବାମରା ପଞ୍ଚାୟତ ସମିତି ବୈଠକ

ପ୍ରତ୍ୟେକ ସେତୁର ଆଡିବନ୍ଧ ନିର୍ମାଣ ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଯାତାୟାତ ସହ ଜଳସେଚନର ସୁବିଧା ହୋଇପାରିବ। ମଙ୍ଗଳବାର ବାମରା ପଞ୍ଚାୟତ ସମିତି ବୈଠକରେ ଯୋଗଦେଇ କୁଚିଣ୍ଡା ବିଧାୟକ ତଥା ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ବୈଠକରେ ବକ୍ତବ୍ୟ ରଖି ମନ୍ତ୍ରୀ ନାୟକ କହିଥିଲେ, ଆପଣମାନଙ୍କ ଆଶୀର୍ବାଦରୁ ଆଜି ମତେ ମନ୍ତ୍ରୀ ପଦ ମିଳିଛି। ତେଣୁ ସମସ୍ତ ଜନପ୍ରତିନିଧି ଜଣେ ଜଣେ ମନ୍ତ୍ରୀ ହୋଇ ଅଞ୍ଚଳର ବିକାଶ ପାଇଁ ସହଯୋଗର ହାତ ବଢ଼ାନ୍ତୁ। ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶାକୁ ଦାଦନମୁକ୍ତ କରିବାକୁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏହିକ୍ରମରେ କୁଚିଣ୍ଡା ଉପଖଣ୍ଡରେ ଲଙ୍କାଚାଷର ବିସ୍ତାର କରିବାକୁ ହେବ। ଅଞ୍ଚଳରେ ଯେଭଳି ଅଧିକରୁ ଅଧିକ ଲଙ୍କା ଚାଷହୋଇ ଜନସାଧାରଣ ଲାଭବାନ ହେବେ ସେ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଡି) ଧର୍ମେନ୍ଦ୍ର ମଲ୍ଲିକ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ଏମ୍‌ପି ପ୍ରତିନିଧି ନରେଶ ସିଂ ଠାକୁର, ତହସିଲଦାର ଦିଲୀପ ପ୍ରଧାନଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ,୧୭ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ବିଡିଓ ପୁଷ୍ପକ ପ୍ରଧାନ ସଭା ପରିଚାଳନା କରିଥିଲେ। ବୈଠକରେ କୃଷି ଓ ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, ସାଧାରଣ ବଣ୍ଟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ, କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ, ମତ୍ସ୍ୟ ଓ ପଶୁପାଳନ, ଓଡ଼ିଶା ଜୀବିକା ମିଶନ, ଅନୁସୂଚିତ ଜାତି ଓ ଜନଜାତି, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ୍, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସାମାଜିକ ସୁରକ୍ଷା ଆଦିର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ମନ୍ତ୍ରୀ ନାୟକଙ୍କ ଉପସ୍ଥିତିରେ କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ, କୃଷି, ଆରଡବ୍ଲ୍ୟୁଏସଏସ ବିଭାଗ ଆଲୋଚନା ସମୟରେ ସରପଞ୍ଚ ଓ ସମିତି ସଭ୍ୟମାନେ ବିଭିନ୍ନ ସମସ୍ୟା ଉପରେ ପ୍ରଶ୍ନ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ ସନ୍ତୋଷ ଜନକ ଉତ୍ତର ଦେଇ ନପାରିବାରୁ ହୋହଲ୍ଲା ଦେଖା ଦେଇଥିଲା। ଜିପିଡ଼ିଓ ରଞ୍ଜନ ରାମ ପୂର୍ବ ବିବରଣୀ ପଠନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମନ୍ତ୍ରୀ ନାଏକ ବାଉଁଶଲଗା, କୁଟାରିମାଲ ଓ ପିଣ୍ଡାପଥର ପଞ୍ଚାୟତରେ ଆୟୋଜିତ ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ମଣ୍ଡଳ ସଭାପତି ନରେଶ ସିଂ ଠାକୁର, ସୁନୀଲ ଦାସ, ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

